**ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନାଗାର୍ଜୁନ ବେଶ**

ନେମାଳ,(ଡି.ଏନ୍.ଏ.): ନେମାଳ ପଦ୍ମବନ ପୀଠରେ ପୁଷ୍ୟାଭିଷେକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପୁରୁଷ ଅଚ୍ୟୁତାନନ୍ଦ ଭକ୍ତମାନଙ୍କୁ ନାଗାର୍ଜୁନ ବେଶରେ ଦର୍ଶନ ଦେଇଛନ୍ତି। ମଧ୍ୟାହ୍ନରେ ସେବାୟତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପଗଡି ଯାତ୍ରା ଆୟୋଜନ ହୋଇଯାଇଛି। ସନ୍ଧ୍ୟା ଆଳତି ପରେ ଏକ ସୁସଜ୍ଜିତ ଫୁଲ ଟାହିଆକୁ ଠାକୁରଙ୍କ ମସ୍ତକରେ ଅର୍ପଣ କରାଯାଇଥିଲା। ଶେଷରେ ଅଧରପଣା ଲାଗି ହୋଇଥିଲା। ଏଥିସହ ରସାବଳୀ, ସରଳବଣୀ ଓ ନାନାଦି ପିଠାପଣା ଆଦି ଅର୍ପଣ କରାଯାଇଥିଲା।

## ସଂକ୍ଷେପରେ

### 'ବାଙ୍କୀ ପାଇଁ ଦେବେନ୍ଦ୍ରଙ୍କ ଭୂମିକା ଅତୁଳନୀୟ'

ବାଙ୍କୀ,୨୮।୧(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶିଷ୍ଟ ଅର୍ଥନୀତି ବିଶାରଦ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ଶତବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଲେ, ଦେବେନ୍ଦ୍ର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିବା ପରେ ରେଭେନ୍ସା ମହାବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗଦେଇଥିଲେ। ରେଭେନ୍ସାରୁ ମଧ ଦେବେନ୍ଦ୍ରଙ୍କୁ ଡକ୍ଟରେଟ୍ ଉପାଧି ପାଇଥିଲେ। ବାଙ୍କୀ ଓ ଏଠାକାର ମହାବିଦ୍ୟାଳୟ ଗଠନରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ତିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବାଙ୍କୀ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ସମ୍ପାଦକ ସୁବାସ ପାଢ଼ୀ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ସିଆ, ପ୍ରାଧାପକ ମନୋଜ ମହାପାତ୍ର, ଦେବେନ୍ଦ୍ରଙ୍କ କନ୍ୟା ଡକ୍ଟର ରଶ୍ମି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

### କ୍ରିକେଟ୍: ରୁଚି ମସଲା ଏକାଦଶ ଚାମ୍ପିୟନ

କଟକ ଅଫିସ, ୨୮।୧: ବୟାଳିଶ ମୌଜା ଖେଳପଡିଆରେ ବୁଧବାର ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟରେ ରୁଚି ମସଲା ଏକାଦଶ ରୁଚି କପ୍ ବିଜେତା ହୋଇଛି। ରୁଚି ଫ୍ରୋଜିଟ୍ ଏକାଦଶ ଟସ୍ ଜିତିଥିଲା। ହେଲେ ରୁଚି ମସଲା ଏକାଦଶ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ରୁଚି ଫ୍ରୋଜିଟ୍ ଏକାଦଶ ୧୭ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ରୁଚି ଫ୍ରୋଜିଟ୍ ଏକାଦଶର ବିରଞ୍ଚି ତ୍ରିପାଠୀ ସର୍ବାଧିକ ୬୭ ରନ୍ ଏବଂ ମସଲା ଏକାଦଶର ପ୍ରକାଶ ଜେନା ୪୩ ରନ୍ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟଅତିଥି, ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ରଶ୍ମି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଟିମ୍‌କୁ ପୁରସ୍କୃତ କରିଥିଲେ। ଚିତ୍ତରଞ୍ଜନ ତ୍ରିପାଠୀ ଓ ପ୍ରଦୀପ କୁମାର ଦାସ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିବାବେଳେ ଆଲୋକ ଦାସ, ମୃଣାଳିନୀ ରାଉତ, ନିହାର ରଞ୍ଜନ ସାହୁ, ରାମଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ହତ୍ୟା ଧମକ: ମହିଳା ଗିରଫ

ଚୌଦ୍ୱାର,୨୮।୧(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ମୁଣ୍ଡମାଳ ନୂଆସାହିର ପ୍ରିୟଙ୍କା ଗୋଚ୍ଛିଙ୍କୁ ହତ୍ୟା ଧମକ ସହ ମାରି ଦେବାକୁ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ସାହିର ଅଶାନ୍ତି ବେହେରା(୪୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପ୍ରିୟଙ୍କାଙ୍କୁ ବିଭିନ୍ନ ସ୍ଥାନରେ ଅଶାନ୍ତି ହତ୍ୟା ଧମକ ଦେଇଆସୁଥିଲେ। ଏ ନେଇ ପ୍ରିୟଙ୍କା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୪/୨୧) ରୁଜୁ କରିଥିଲା। ଅଶାନ୍ତିଙ୍କୁ ପୋଲିସ ଗିରଫ କରିଥିବା ଖବରପାଇ ଭୟରେ ତାଙ୍କ ନାବାଳକ ଝିଅପୁଅ କେଉଁଆଡେ ପଳାଇଯାଇଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁବାର ପୋଲିସ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସହାୟତାରେ ଖୋଜାଖୋଜି ପରେ କପାଳେଶ୍ୱର ନୂଆସାହି ଅଞ୍ଚଳରୁ ପିଲା ୨ଟିଙ୍କୁ ଉଦ୍ଧାର କରାଯାଇ କଟକ ସ୍ଥିତ ବସୁନ୍ଧରାରେ ଛଡାଯାଇଛି।

### ବିଦ୍ୟୁତ୍ ଟାୱାରରେ ଚଢ଼ିଗଲେ ମହିଳା

ଚୌଦ୍ୱାର,୨୮।୧(ଡି.ଏନ୍.ଏ.): ନଖରା ପଞ୍ଚାୟତ ଅଲାରପୁର ଗ୍ରାମର ଗହୀର ମଧରେ ଯାଇଥିବା ୧୩୨ କେ.ଭି ବିଦ୍ୟୁତ୍ ଟାୱାରର ଅଧା ପର୍ଯ୍ୟନ୍ତ ଜଣେ ମହିଳା ଚଢିଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ତଳକୁ ନ ଓହ୍ଲାଇବାରୁ ସ୍ଥାନୀୟ ଲୋକେ ଭିଡ ଜମାଇଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର କରିଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଥାନାକୁ ଆଣିଥିବା ଜଣାପଡିଛି।

# ପୋଲିସକୁ ୮ ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

### ଖେଳ ପଡ଼ିଆକୁ କେନ୍ଦ୍ରକରି ୨ ଗାଁରେ ଗଣ୍ଡଗୋଳ



ପୋଲିସ ଗାଡିକୁ ଗ୍ରାମବାସୀ ଅଟକ ରଖିଛନ୍ତି।

ନରସିଂହପୁର,୨୮।୧(ସ୍ୱ.ପ୍ର.)

ଖେଳ ପଡିଆକୁ କେନ୍ଦ୍ରକରି ନରସିଂହପୁର ଥାନା ଅନ୍ତର୍ଗତ ଶରଧାପୁର ଓ ଶରଧାପୁରପାଟଣା ଗ୍ରାମ ମଧ୍ୟରେ ବୁଧବାର ରାତିରେ ଗଣ୍ଡଗୋଳ ଘଟିଛି। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଶରଧାପୁରପାଟଣା ଗ୍ରାମର ଲୋକେ ପୋଲିସ ଏସ୍‌ଆଇ ଓ କର୍ମଚାରୀଙ୍କ ସମେତ ଗାଡ଼ିକୁ ଗୁରୁବାର ୮ ଘଣ୍ଟା ଅଟକ ରଖିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଶରଧାପୁରପାଟଣା ଗ୍ରାମ ନିକଟରେ ଥିବା ଏକ ଖେଳ ପଡ଼ିଆକୁ ସେହି ଗ୍ରାମର କ୍ରିକେଟ ଟିମ୍ ସଦସ୍ୟମାନେ ବୁଧବାର ରାତିରେ ସଫା କରୁଥିଲେ। ଏହି ସମୟରେ ଶରଧାପୁର ଗ୍ରାମର କେତେଜଣ ଯୁବକ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ଉଭୟ ପକ୍ଷର ହାତାହାତି ସମୟରେ ଶରଧାପୁରପାଟଣା ଗ୍ରାମର ସଞ୍ଜୟ ବେଜ ଗୁରୁତର ହୋଇଥିଲେ। ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଏନେଇ ବେଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଫେରି ଆସିଥିଲା। ଗୁରୁବାର ସକାଳେ ଶରଧାପୁର ଗ୍ରାମର କେତେଜଣ ମହିଳାପୁରୁଷ ଉକ୍ତ ବିବାଦୀୟ ଖେଳ ପଡ଼ିଆରେ ଗାତ ଖୋଳି ଗଛ ଲଗାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯିବାରୁ ଶରଧାପୁରପାଟଣା ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏଥିସହ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ କହିଥିଲେ। ଅପରାହ୍ନ ସମୟରେ ଆଠଗଡ଼ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ, ତହସିଲଦାର ଆଲୋକ ରଞ୍ଜନ ଦେହୁରୀ ଓ ଥାନା ଅଧିକାରୀ ବିମଳ ପ୍ରସାଦ ବାରିକ ଘଟଣାସ୍ଥଳକୁ ଯାଇ ଉଭୟ ଗାଁର ୭ ଜଣ ଲେଖାଏ ମୁରବିଙ୍କ ସହ ଆଲୋଚନା କରିଥିଲେ। ଉଭୟ ଗ୍ରାମର ଖେଳାଳି ଉକ୍ତ ପଡ଼ିଆରେ ଖେଳିପାରିବେ ବୋଲି ସ୍ଥିର କରାଯାଇଥିଲା।

## ଏସ୍‌ସିବି ମେଡିକାଲରେ ପ୍ରତିଚ୍ଛିହି ସମାରୋହ

କଟକ ଅଫିସ, ୨୮।୧

ଏସ୍‌ସିବି ମେଡ଼ିକାଲ କଲେଜ ୟୁଜି ଛାତ୍ର ସଂଘ ପକ୍ଷରୁ ଏଲ.ଟି-୩ରେ କ୍ଲିନିକାଲ ପେପର୍ ପ୍ରେଜେଣ୍ଟେଶନ 'ପ୍ରତିଚ୍ଛିହି' ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଭେଷଜ ବିଜ୍ଞାନର ବିଭିନ୍ନ ବିଷୟରେ ନିଜର ପ୍ରସ୍ତୁତି ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦଣ୍ଡେଶ୍ୱର ହୋତା, ସମ୍ମାନିତ ଅତିଥି ଭାବେ ପ୍ରଫେସର ବିଦ୍ୟୁତ୍ ଦାସ ଓ ପ୍ରଫେସର କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ଭୁବନ ମୋହନ ଦାସ, ବିଶ୍ୱଜିତ ଦାସ, କୀର୍ତ୍ତିରେଖା ମହାପାତ୍ର, ମନୋରଞ୍ଜନ ବେହେରା ପ୍ରମୁଖ ବିଚାରକମଣ୍ଡଳୀ ଉପସ୍ଥିତ ଥିଲେ। ଏକାଡେମିକ ସେକ୍ରେଟାରୀ ଡା. ନୌଶଦ୍ ଖାଁ, ଡା. ଫ୍ରାଜ ଅହମ୍ମଦ, ଶାରଦା ବିନାୟକ ଦାସ, ମୋନାଲିସା ଜେନା, ସ୍ୱାଗତିକା ପଣ୍ଡା, ଅନନ୍ୟା ରାୟ, ଡା. ରୌମ୍ୟଜିତ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଗ୍‌ନାଲ ରିଲେ ଚୋରି: ୫ ଗିରଫ

କଟକ ଅଫିସ ୨୮।୧: ଟ୍ରେନ୍ ଲାଇନରୁ ସିଗ୍‌ନାଲ ରିଲେ ଚୋରି କରିବା ଓ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଆରପିଏଫ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦିନାପୁରର ସୁରଜ ଲାଲ, ଖଡଗପୁରର ମହାଦେବ ଦାସ, ଚୋରି ସାମଗ୍ରୀ କ୍ରୟ କରିଥିବା ଟାଙ୍ଗୀ ଥାନା କୋଠସାହିର ପ୍ରଦୀପ ସାହୁ, କଟକର ଗୌତମ କରଣ ଓ ଉମେଶ କରଣ। ଆରପିଏଫ ସୂତ୍ରରୁ ପ୍ରକାଶ, କଟକ ମଉଗଜ ପୁରୀ ରେଲୱେ ଷ୍ଟେଶନ ନିକଟରେ ସୁରଜ ଓ ମହାଦେବ ସନ୍ଦେହଜନକ ଭାବେ ବୁଲୁଥିଲେ। ଆରପିଏଫ୍ ଏସ୍‌ଆଇ ଏ.କେ. ତ୍ରିପାଠୀ ସେମାନଙ୍କୁ ଆଣି ପଚରା ଉଚରା କରିବାରୁ ସେମାନେ ଟ୍ରେନ୍ ଲାଇନରେ ଲାଗିଥିବା ସିଗ୍‌ନାଲ ରିଲେକୁ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ସେମାନଙ୍କ ବୟାନ ଆଧାରରେ ଆରପିଏଫ୍ ଟାଙ୍ଗୀର ପ୍ରଦୀପଙ୍କ ସ୍କ୍ରାପ ଦୋକାନରେ ଚଢାଉ କରିଥିଲା। ପ୍ରଦୀପ ଚୋରି ସାମଗ୍ରୀ କିଣିବା ପରେ କଟକରେ ବିକ୍ରି କରିଥିବା ମାନିଥିଲେ। ପରେ ପୋଲିସ ଗୌତମ ଓ ଉମେଶଙ୍କ ଦୋକାନ ଉପରେ ଚଢାଉ କରିଥିଲା। ଚଢାଉରେ ୧୦ଟି ପିତଳ ସିଗିନାଲ ସାମଗ୍ରୀକୁ ଜବତ କରିଯାଇଛି।

## ଖବରକାଗଜ ବିତରକଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ଦାବି

ଟାଙ୍ଗୀ, (କଟକ)୨୮।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ଖବରକାଗଜ ବିତରକମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଭଟ୍ଟିମୁଣ୍ଡାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିତରକ ସଂଘ ସଭାପତି ଅଜୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କଟକ ଜିଲାର ବିତରକ ଶରତ ଚନ୍ଦ୍ର ସାହୁ, ମହେନ୍ଦ୍ର ବିଶ୍ୱାଳ, ଉମେଶ ଚନ୍ଦ୍ର ମଲ୍ଲିକ, କୋଟସାହି ଗ୍ରାମ ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ମଲ୍ଲିକ, ଯୁବ ବିଜେଡି ବ୍ଲକ ସଭାପତି ତାପସ ସାହୁ, ଖବରଦାତା ନିରାକାର ସାହୁ, ରତିକାନ୍ତ ପଟ୍ଟନାୟକ, ଉମ୍ବୁଧର ବେହେରା, ବଳରାମ ଲେଙ୍କା, ନିରଞ୍ଜନ ଲେଙ୍କା, ବାବୁଲି ସିଂ, କାହ୍ନୁଚରଣ ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିତରକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। କୋଭିଡ୍ ସମୟରେ ବିତରକମାନେ କାମ କରିଥିବାରୁ ସେମାନଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ନିମନ୍ତେ ଦାବି ଉପସ୍ଥାପିତ ହୋଇଥିଲା। ସମ୍ପାଦକ ଲିଙ୍ଗରାଜ ଲେଙ୍କା ଅତିଥି ପରିଚୟ ଓ କୋଷାଧକ୍ଷ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ବିତରକ ବିଜୟ ପଣ୍ଡା, ପ୍ରଦୀପ ମଲ୍ଲିକ, ମହେନ୍ଦ୍ର ମହାରଣା ଏବଂ ସୁରେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆକାଶବାଣୀ କଟକ କେନ୍ଦ୍ରର ପ୍ରତିଷ୍ଠା ଦିବସ



ଆକାଶବାଣୀ ପରିସରରେ କର୍ମକର୍ତ୍ତାମାନେ।

କଟକ ଅଫିସ, ୨୮।୧

ଆକାଶବାଣୀ କଟକ କେନ୍ଦ୍ରର ପ୍ରତିଷ୍ଠା ଦିବସ ଗୁରୁବାର ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ବର୍ଗର ଶ୍ରୋତାଙ୍କ ପାଇଁ ଭିନ୍ନ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପରିବେଷଣ କରି ଆକାଶବାଣୀ କଟକ କେନ୍ଦ୍ର ଏକ ପୂର୍ଣ୍ଣାଙ୍ଗ ଅନୁଷ୍ଠାନରେ ପରିଣତ ହେବା ସହ ଶ୍ରୋତାଙ୍କ ପ୍ରିୟଭାଜନ ହୋଇପାରିଛି। ଏବେ ଆକାଶବାଣୀ କଟକ କେନ୍ଦ୍ରରେ ବିବିଧ ଭାରତୀ ପ୍ରସାରଣ ସେବା, ଏଫ.ଏମ୍. ରେନ୍‌ବୋ ଓ ଡିଟିଏଚ୍ ସେବା ରହିଛି। ବିଶେଷଭାବେ ଆକାଶବାଣୀ କଟକର ଆଞ୍ଚଳିକ ସମ୍ବାଦ ବିଭାଗ ଖବର ପରିବେଷଣ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି। ଫନି, ଅମ୍ଫନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର କର୍ମଚାରୀମାନେ ରାତି ଉଜାଗର ରହି ପ୍ରଭାବିତ ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବାରେ ସମର୍ଥ ହୋଇଛନ୍ତି। ଏହି କେନ୍ଦ୍ରରୁ ଶିଶୁମାନଙ୍କ ପାଇଁ ପରିବେଷିତ ଶିଶୁ ସଂସାର, କୃଷକମାନଙ୍କ ପାଇଁ କୃଷି ସଂସାର, ଯୁବଗୋଷ୍ଠୀ ପାଇଁ ଯୁବବାଣୀ, ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ସଜଫୁଲ, ମହିଳାମାନଙ୍କ ପାଇଁ ନାରୀମହଲ, ବରିଷ୍ଠମାନଙ୍କ ପାଇଁ ମାନନୀୟେଷୁ ଏବଂ ନାଟକ କାର୍ଯ୍ୟକ୍ରମ ୯୯ ପ୍ରତିଶତ ଶ୍ରୋତାଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛି। ଏହି ଅବସରରେ ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ତଥା ଡେପୁଟି ଡାଇରେକ୍ଟର ଜେନେରାଲ(ଯାନ୍ତ୍ରିକ) ପ୍ରକାଶ କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ପୌଷ ପୂର୍ଣ୍ଣିମାରେ ଗୁରୁବାର କଟକ ଚାନ୍ଦିନୀ ଚୌକ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ରାଜରାଜେଶ୍ୱର ବେଶ।

# ବସ୍ତିବାସିନ୍ଦାଙ୍କ ଥଇଥାନକୁ ବିରୋଧ

କଟକ ଅଫିସ, ୨୮।୧

କଟକ ସହରକୁ ଆଧୁନିକୀକରଣ କରି ଏକ ନୂଆ ରୂପ ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ ସାମଲ, ଜିଲାପାଳ, ସିଏମ୍‌ସି କମିଶନର ଓ ରାଜସ୍ୱ ଅଧିକାରୀମାନଙ୍କ ସହ ସହର ରୂପାନ୍ତରୀକରଣ ନିମନ୍ତେ ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆରଡିସିଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରଡିସି ସାମଲ ଯୋଗଦେଇଥିଲେ। ଚାଉଳିଆଗଞ୍ଜରେ ବସ୍ତିବାସିନ୍ଦାଙ୍କ ଥଇଥାନ ପ୍ରକ୍ରିୟା ନେଇ ସ୍ଥାନୀୟ ବାସିନ୍ଦା, ପୂଜା କମିଟି କର୍ମକର୍ତ୍ତା, ପୂର୍ବାଞ୍ଚଳ ଶାନ୍ତି କମିଟି, ତିନିଘରିଆ ଅଞ୍ଚଳର ବାସିନ୍ଦା, ବରିଷ୍ଠ ନାଗରିକମାନେ ଆରଡିସିଙ୍କ ସହିତ ଏ ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ଓଏସଏପି ଷଷ୍ଠ ବାଟାଲିୟନଠାରେ ବସ୍ତିବାସିନ୍ଦାଙ୍କର ଥଇଥାନ ସମ୍ବନ୍ଧୀୟ ସୁବିଧା ଓ ଅସୁବିଧା ସମ୍ପର୍କରେ ସେମାନେ ମଧ ମତ ଉପସ୍ଥାପନ କରିଥିଲେ। ବସ୍ତିବାସିନ୍ଦାଙ୍କ ଥଇଥାନ ପ୍ରକ୍ରିୟାରେ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବା ଉପରେ ଆରଡିସି ଗୁରୁତ୍ୱାରୋପ କରିଥିଲେ। ତେବେ ଚାଉଳିଆଗଞ୍ଜ ପୂଜା କମିଟି ସରକାର ଦେଇଥିବା ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି। ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ଶିବ ସାହୁ କହିଛନ୍ତି, ସରକାର ଆମ ଅଞ୍ଚଳରେ ଯଦି କୌଣସି ଉନ୍ନତିମୂଳକ କାର୍ଯ୍ୟ କରନ୍ତି ତେବେ ଆମେ ସହଯୋଗ କରିବୁ। ମାତ୍ର ପ୍ରଶାସନ ଯେଉଁ ବସ୍ତିବାସିନ୍ଦାଙ୍କୁ ଆଣି ଏଠାରେ ଥଇଥାନ କରିବାକୁ ପ୍ରୟାସ କରୁଛି ତାହାକୁ ଆମେ ବିରୋଧ କରିବୁ। ପ୍ରଶାସନର ନିଷ୍ପତ୍ତିକୁ ଶୁକ୍ରବାର ସମସ୍ତ ଅଞ୍ଚଳବାସୀ ବିରୋଧ କରି ଓଏମ୍‌ପି ଛକଠାରେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ କରାଯିବାକୁ ନିଷ୍ପତି ନେଇଛନ୍ତି। ରାସ୍ତାରୋକୋକୁ ଦୃଷ୍ଟିରେ ରଖି ଥାନା ଅଧିକାରୀ ତାପସ ପ୍ରଧାନ କହିଛନ୍ତି, ଆମେ ଏ ସମ୍ବନ୍ଧରେ ଅବଗତ ଅଛୁ ଓ ଏଥିନିମନ୍ତେ ଆବଶ୍ୟକ ମୁତାବକ ପୋଲିସ ମୃତୟନ କରାଯିବ ବୋଲି କହିଛନ୍ତି। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନ୍ୟନ୍ୟା ଦାସ, ଧନଞ୍ଜୟ ହେମ୍ବ୍ରମ, ଅତିରିକ୍ତ ଡିସିପି ପ୍ରମୋଦ ରଥ, ଡେପୁଟି କଲେକ୍ଟର ଅନିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

କଟକ ଅଫିସ/ଖୁଣ୍ଟୁଣୀ, ୨୮।୧(ଡି.ଏନ.ଏ.)

୪୨ ମୌଜା ପାଟଣା ଗ୍ରାମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଗୋବିନ୍ଦଦତ୍ତ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୨ ମୌଜା ଉନ୍ନୟନ ପରିଷଦ ସଭାପତି ଅନିଲ ଦାସ, ମିହିରି ଦାସ, ଆଶିଷ ମହାନ୍ତି, ମହେଶ୍ୱର ବେହେରା, ସୁରେନ୍ଦ୍ର ବେହେରା, ଝାରକଟା ସରପଞ୍ଚ ଜୟନ୍ତ ଦାସ, ନାଏବ ସରପଞ୍ଚ ଶିଶିର ରାଉତ, ଅର୍ଜୁନ ବେହେରା, ଅମୟ ଦାସ ପ୍ରମୁଖ ଯୋଗଦେଇ ଗ୍ରାମ ପରିଚାଳନା ସହିତ ଆଗାମୀ ଦିନରେ ଗ୍ରାମକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରିଥିଲେ।

ସିଡ଼ିଏଠାରେ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତାସଂଘଶାଖା ପକ୍ଷରୁସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପି. ଶ୍ରୀନିବାସ ରେଡ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ଅକ୍ଷୟ ମହାନ୍ତି, ସୁଜିତ ଘଡ଼େଇ, ବେଣୁ ରାଓ, ବିଜୟ ପୃଷ୍ଟି, ବିଶ୍ୱନାଥ ସାହୁ, ରାକେଶ ସାହା, ମନୋଜ ପାଣିଗ୍ରାହୀ, ଉତ୍ତବ ଦାସ, ବୁଦ୍ଧଦେବ ଛାଟୋଇ, ପ୍ରକାଶ ଅଗ୍ରୱାଲ, ଚିତ୍ତ ବେହେରା, ଅଶୋକ ବେହେରା, ସମିମ୍ ଉଲା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠଗଡ଼ ବ୍ଲକ ଭଗୁଆ ମୁଖ୍ୟ କାର୍ଯ୍ୟାଳୟଠାରେ ହୋ ମୁଣ୍ଡା ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୋସାଇଟି ସମ୍ପାଦକ ହରିଶ୍ଚନ୍ଦ୍ର ହାଇବ୍ରୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଦାମ ଦିଗି, ଗଙ୍ଗାରାମ ତିରିଆ, ବିସନାନ୍ତ ପୂର୍ତ୍ତି, ଜେମା ଦିଗି, କୁନାରାମ ଦିଉ, ବାଦଲ ହାଇବ୍ରୁ ଓ ଦୁକିନ ଦିଗି ପ୍ରମୁଖ ଯୋଗଦେଇଥିଲେ।



ଭୁବନେଶ୍ୱରରେ ଅନୁଷ୍ଠିତ ପଞ୍ଚମ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ଗୁରୁ ରତିକାନ୍ତ ମହାପାତ୍ର ଓ ଗଜଲ ଗାୟକ ବାବୁ ପାଣିଗ୍ରାହୀଙ୍କୁ 'ନୃତ୍ୟଧାମ ସମ୍ମାନ'ରେ ସମ୍ମାନିତ କରାଯାଉଛି।

## ଧାନଗଦା ଜଳିଗଲା

କଟକ ସଦର,୨୮।୧(ଡି.ଏନ.ଏ.)

କଟକ ସଦର ଥାନା ଅଧୀନ ଜିଗିନିପୁର ଗ୍ରାମରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟି ଅଶୋକ ଜେନା ଓ ବସନ୍ତ କୁମାର ଜେନାଙ୍କ ଧାନଗଦା ଜଳିଯାଇଛି। ଗୃହକର୍ତ୍ତା ଘରେ ଶୋଇଥିବାବେଳେ ଧାନଗଦାରେ ନିଆଁ ଲାଗିଥିବା ଜାଣି ବାହାରକୁ ଆସିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।

## ଜନପ୍ରତିନିଧି, ଲୋକଙ୍କ ମତାମତ ନିଆଯାଉ

### ନେତାଜୀ ବସ୍ ଟର୍ମିନାଲ ଶିଳାନ୍ୟାସ ପ୍ରସଙ୍ଗ

କଟକ ଅଫିସ, ୨୮।୧

କଟକ ଖାନ୍‌ନଗରଠାରେ ବିଶ୍ୱସ୍ତରୀୟ ନେତାଜୀ ବସ୍ ଟର୍ମିନାଲ ଶିଳାନ୍ୟାସ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଉକ୍ତ ଟର୍ମିନାଲ ନିର୍ମାଣ ବିଷୟରେ ସ୍ଥାନୀୟ ଜନପ୍ରତିନିଧି ଓ ଲୋକଙ୍କଠାରୁ ମତାମତ ନିଆଯାଇନାହିଁ। ତୁରନ୍ତ ଏଥିପାଇଁ ସେମାନଙ୍କ ମତାମତ ନିଆଯାଉ। ବସ୍ ଟର୍ମିନାଲ ନିର୍ମାଣ ନିମନ୍ତେ ଉକ୍ତ ସ୍ଥାନରେ ଥିବା ବିଶ୍ୱନାଥ ପାଠାଗାର, ବିକାଶ ଭବନ, ସରକାରୀ ବିଦ୍ୟାଳୟ ଉଚ୍ଛେଦ କରାଗଲେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହେବ। ୨୦୧୨ରେ ମଧ ମୁଖ୍ୟମନ୍ତ୍ରୀ ଗୋପାଳପୁରରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ପାଇଁ ଗ୍ରୀନ୍ ସିଗ୍‌ନାଲ ଦେଇଥିଲେ। ୨୦୧୩ରେ ପରିବହନ ବିଭାଗ ସେଠାରେ ୪୨ ଏକର ଜମି ଚିହ୍ନଟ କରିଥିଲା। ପରେ ଉକ୍ତ ସ୍ଥାନରେ ଭୂମିପୂଜନ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଗୋପାଳପୁରରେ ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ନ ହେବା କାରଣ ତର୍ଜମା ନ କରି ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲ ପାଇଁ ଶିଳାନ୍ୟାସ କରାଯାଇଛି। ପ୍ରଥମେ ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ ସହ ତାହାର ସବିଶେଷ ରିପୋର୍ଟ ସାର୍ବଜନୀନ କରାଯାଉ। ସେହିପରି ଅଞ୍ଚଳବାସୀଙ୍କ ଜୀବିକା ପ୍ରତି କୌଣସି କ୍ଷତି ନ କରି ବସ୍ ଯିବା ଆସିବା ପାଇଁ ହେବାକୁ ଥିବା ୬ ଲେନ ରାସ୍ତା ନିର୍ମାଣ କରିବାକୁ ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ମଧୁପାଟଣାସ୍ଥିତ ଏକ ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଧାଶ୍ୟାମ ନାୟକ, ପ୍ରୀତିରଞ୍ଜନ ସାମନ୍ତ, ଦେବ ନାଥ, ଜିତେନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ହରିଚନ୍ଦନ ଓ ପୁରୁଷୋତ୍ତମ ସାହୁ ପ୍ରମୁଖ କହିଛନ୍ତି।

# ଶ୍ରମ ବିଭାଗର ତଦନ୍ତ ଆରମ୍ଭ

### ଆର୍‌ଡି ରାସ୍ତା ନିର୍ମାଣରେ ଶିଶୁ ଶ୍ରମିକ ନିୟୋଜିତ ଘଟଣା
### ସଚେତନ ନାଗରିକ ମଞ୍ଚ ପକ୍ଷରୁ ଥାନାରେ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୨୮।୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ସୁକରପଡା- ବାଲିଆଚକା ଭାୟା ହଳଧରପୁର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ୮ ଜାନୁୟାରୀରେ ଶିଶୁ ଶ୍ରମିକଙ୍କୁ ଏହି ନିର୍ମାଣ କାର୍ଯ୍ୟରେ ଲଗାଯାଇଥିଲା। ଏନେଇ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି। ଏଥିସହ ଶ୍ରମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମଞ୍ଚ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ସୁକରପଡା-ବାଲିଆଚକା ରାସ୍ତା ନିର୍ମାଣ କାର୍ଯ୍ୟ ୩୦ ସେପ୍ଟେମ୍ବର ୨୦୧୯ ସୁଦ୍ଧା ଶେଷ ହେବାକୁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅବଧି ସରିଥିଲେ ମଧ ରାସ୍ତା କାର୍ଯ୍ୟ ଶେଷ ହୋଇ ନ ଥିଲା। ଏନେଇ ସମ୍ପୃକ୍ତ ଠିକାଦାର ଗତ ୮ରେ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଯାଜପୁର ଜିଲାର ଶିଶୁ ଶ୍ରମିକଙ୍କୁ ଲଗାଇ କାର୍ଯ୍ୟ କରୁଥିଲା। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗପତ୍ରରେ ଦର୍ଶାଯାଇଛି। ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡା କୁହନ୍ତି, ଏନେଇ ତଦନ୍ତ ଜାରି ରହିଛି। ସେହିପରି ଶ୍ରମ ବିଭାଗ ଅଧିକାରୀ ତପନ ସୂତାର୍ ଆର୍‌ଡି କାର୍ଯ୍ୟାଳୟକୁ ଯାଇ ଏସ୍‌ଡିଓ ଏବଂ ଜେଇଙ୍କୁ ପଚରାଉଚୁରା କରିଛନ୍ତି। ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ଓ ଭାଜପା ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଜାନୁୟାରୀ ୨୪ ଏହି ଘଟଣା ବିଷୟରେ ଖବରପାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସମୀର ରଞ୍ଜନ ସାମନ୍ତରାୟ ଓ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଗୁରୁବାର ଥାନାରେ ଅଭିଯୋଗପତ୍ର ଦାଖଲ କରିବା ସମୟରେ ମଞ୍ଚ ତରଫରୁ ଶୁଭାଶିଷ ବସନ୍ତରାୟ, ସତ୍ୟଜିତ ମହାପାତ୍ର ଓ ଅଶୋକ କୁମାର ପ୍ରଧାନ ବଳରାମ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ୩ ବାଇକ ଜବତ, ୨ ଗିରଫ

କଟକ ଅଫିସ ୨୮।୧: କଟକ କାଠଯୋଡି ରିଂରୋଡରେ ଯାନବାହନ ଯାଞ୍ଚବେଳେ ମର୍କତ ନଗର ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାଠଯୋଡି ବିହାର ବସ୍ତିରେ ରହୁଥିବା ଖୋର୍ଦ୍ଧା ବାଜପୁର ଅଞ୍ଚଳର ସୀତାକାନ୍ତ ପଟ୍ଟନାୟକ ଓ ସିଆଳିପାଟଣାର ଜୟନ୍ତ ରାଉତରାୟ। ସେମାନଙ୍କ ଠାରୁ ୩ଟି ଚୋରା ବାଇକ ଜବତ ହୋଇଛି। ବୁଧବାର ସନ୍ଧ୍ୟାରେ ମର୍କତନଗର ପୋଲିସ ଯାନବାହାନ ଯାଞ୍ଚ କରିଥିଲା। ବାଦାମବାଡି ପଟୁ ବାଇକରେ ଆସୁଥିବା ସୀତାକାନ୍ତ ଓ ଜୟନ୍ତଙ୍କୁ ପୋଲିସ ଅଟକାଇଥିଲା। ଯାଞ୍ଚ ପରେ ଏହା ଚୋରା ବାଇକ୍ ବୋଲି ଜଣାପଡିଥିଲା। ଏହାପରେ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ବିଭିନ୍ନ ସ୍ଥାନରୁ ଆଉ ୨ ବାଇକକୁ ଜବତ କରିଥିଲା।

**ପୂର୍ବତନ କର୍ପୋରେଟରଙ୍କ ବିରୋଧରେ ଜବରଦଖଲ ଅଭିଯୋଗ**

ପୁରୁଣା ଭୁବନେଶ୍ୱର,୨୮।୧(ଡି.ଏନ୍.ଏ.): ଏକାମ୍ର ଅଞ୍ଚଳର ଜଣେ ପୂର୍ବତନ କର୍ପୋରେଟରଙ୍କ ବିରୋଧରେ ଜବରଦଖଲ ଅଭିଯୋଗ ଆସିଛି। ୨୦୧୫ରୁ ମୂଲ୍ୟବାନ ଜମି ହାତେଇବାକୁ କର୍ପୋରେଟରଙ୍କ ସହାୟତାରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବାରମ୍ବାର ଆଇନ ହାତକୁ ନେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି କର୍ପୋରେଟର ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କର ଘର ଭାଙ୍ଗିବା ଏବଂ ଅନ୍ୟମାନଙ୍କୁ ଆକ୍ରମଣ ଅଭିଯୋଗର ୨୨ଟି ମାମଲାର ବିଚାରାଧୀନ ରହିଛି। ତୁରନ୍ତ ସମ୍ପୃକ୍ତ କର୍ପୋରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ଅପରାହ୍ନ ୪ଟା ୩୦।
- ୨. ଆଇସିସିଆର୍ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

# ମାଟିତଳେ ମନ୍ଦିର ଭଗ୍ନାବଶେଷ

**ପୁରୁଣା ଭୁବନେଶ୍ୱର, ୨୮।୧(ଡି.ଏନ୍.ଏ.):**

ଏକାମ୍ର କ୍ଷେତ୍ରର ଉନ୍ନତି ପାଇଁ ମିଳିତ ଟିମ୍ ପକ୍ଷରୁ ଉଚ୍ଛେଦ ଓ ଖନନ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ନିକଟ ଶୁକସାରୀ ମନ୍ଦିର ପରିସରରେ ଖନନ ବେଳେ ମାଟିତଳୁ ଏକ ମନ୍ଦିର ସଦୃଶ ଭଗ୍ନାବଶେଷ ବାହାରିଥିଲା। ଖବରପାଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ଏକ ପାର୍ଶ୍ୱ ଦେବୀଦେବ ମନ୍ଦିର ଚଟାଣର ବେସ୍ ଜଣାପଡୁଛି। ତେବେ ଏହା ସମ୍ପୂର୍ଣ୍ଣ ଖନନ ହୋଇସାରିବା ପରେ ପ୍ରକୃତ ଐତିହ୍ୟ ସମ୍ବନ୍ଧରେ ତଥ୍ୟ ମିଳିପାରିବ ବୋଲି ଏଏସ୍ଆଇର ଜଣେ ଅଧିକାରୀ କହିଛନ୍ତି। ଏନେଇ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି, ମନ୍ଦିରମାଳିନୀ ସହର ଏକାମ୍ର କ୍ଷେତ୍ରର ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ଅତୀତରେ ଏହି ମନ୍ଦିର ନିକଟ ଭବାନୀଶଙ୍କର ମନ୍ଦିରର ପୁନରୁଦ୍ଧାର ସମୟରେ ଅନେକ ପାର୍ଶ୍ୱଦେବୀଦେବ ମନ୍ଦିର, ପଥରରେ ବିଭିନ୍ନ କାରୁକାର୍ଯ୍ୟ ମିଳିଥଲା। ଏହା ନୂତନ ଘଟଣା ନୁହେଁ। ସମ୍ପୂର୍ଣ୍ଣ ଖନନ ହେଲେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।


ଶୁକସାରୀ ମନ୍ଦିର ପରିସରରେ ଖନନ ବେଳେ ମିଳିଥିବା ଭଗ୍ନାବଶେଷ ।

## ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୮।୧(ବ୍ୟୁରୋ)–** ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ସାଂଗଠନିକ ଜିଲା ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ବିଜେଡି ମୁଖ୍ୟ କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସମରେଶ ବେଉରାଙ୍କ ନେତୃତ୍ୱରେ ୧୦୦ରୁ ଅଧିକ ଯୁବ କର୍ମୀ ରକ୍ତଦାନ କରିଛନ୍ତି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଓ ସଂଯୋଜକ ଅଶ୍ୱିନୀ ସୁଦୂରାୟ ଯୋଗ ଦେଇଥିଲେ। ଜୋନ୍ ସଭାପତି ବିଜୟ କେତନ ସାହୁ, ଜିଲା ଉପସଭାପତି ମାଧବ ରାଉତ, ମନୋରଞ୍ଜନ, ନଳିନୀକାନ୍ତ ପଣ୍ଡା, ରାଜେଶ ପାତ୍ର, ବିଘ୍ନରାଜ ମହାରଣା, ଅଲିଅଲି ମଲ୍ଲିକ, ସୋସିଆଲ ମିଡିଆ ସଂଯୋଜକ ରୋହିତ ପାତ୍ର, ସାଧାରଣ ସମ୍ପାଦକ ଗଗନ ପଣ୍ଡା, କାଳୀ ସିଂ, ସୂର୍ଯ୍ୟକାନ୍ତ ଜେନା, ଗଣେଶ୍ୱର ସାହୁ ଏବଂ ସମ୍ପାଦକ ଗଙ୍ଗ ନାଇଡୁ, ବିଜୟ ଗଚ୍ଛାୟତ, ପ୍ରଧାନ ରାଜେଶ ରାୟ, ସମୀର ବେହେରା, ରାହୁଲ ହାଲି, ରଶ୍ମି ରଞ୍ଜନ ପ୍ରଧାନ, ଭରତ ଚମ୍ପତରାୟ, ଯୁଗଳ କିଶୋର ନାୟକ, ଏସ. କେ. ଫୁରଗାନ ସହଯୋଗ କରିଥିଲେ।

## ବଳଙ୍ଗା ଟିମ୍ ଚାମ୍ପିୟନ

**ବାଲିପାଟଣା,୨୮।୧(ଡି.ଏନ୍.ଏ.):** ନେତାଜୀ କ୍ରିକେଟ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗୁରୁବାର ଶୁଭମ କ୍ରିକେଟ କ୍ଲବକୁ ହରାଇ ବଳଙ୍ଗା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ବଳଙ୍ଗା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୧୩୦ରନ ସଂଗ୍ରହ କରିଥିଲା। ଜବାବରେ ଶୁଭମ କ୍ଲବ ସମସ୍ତ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଜିତେନ୍ଦ୍ର ପାତ୍ର, କିରନ ନାୟକ, ସନ୍ଦୀପ ବେହେରା ମ୍ୟାଚ ପରିଚାଳନା କରିଥିଲେ। ବଳଙ୍ଗା ଟିମ୍‌ର ମନୋଜ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା।

# ଆଦିବାସୀ ମେଳାରେ ପ୍ରଗତିର ନିଖୁଣ ଚିତ୍ର

**ଭୁବନେଶ୍ୱର,୨୮।୧(ବ୍ୟୁରୋ):**

ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ସାମଗ୍ରିକ ଭାବେ ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ ଓ ବାଣିଜ୍ୟିକ କ୍ଷେତ୍ରରେ ଘଟିଥିବା ପ୍ରଗତି ଓ ପରିବର୍ତ୍ତନର ନିଖୁଣ ଚିତ୍ର ମେଳା ପରିସରରେ ଖୋଲାଯାଇଥିବା ଷ୍ଟଲ୍‌ଗୁଡ଼ିକରେ ଦେଖିବାକୁ ମିଳୁଛି। ବିଭିନ୍ନ ଜନଜାତି ବର୍ଗ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ଚାହିଦା ଏବେ ଆଶାତୀତ ଭାବରେ ବୃଦ୍ଧି ପାଇଛି। ସହରାଞ୍ଚଳରେ ଏହିସବୁ ସାମଗ୍ରୀ ଉପଲବ୍ଧ ହେବା କଷ୍ଟକର ହୋଇଥିବାରୁ ବର୍ଷକରେ ଥରେ ଅନୁଷ୍ଠିତ ହେଉଥିବା ଏହି ମେଳାରୁ ତାହା କିଣିବାକୁ ଗୃହିଣୀମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ପରିଲକ୍ଷିତ ହେଉଛି। କେତେକ ଷ୍ଟଲରେ ଆଦିବାସୀ ମହିଳାମାନେ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ନିଜ ହାତରେ ପ୍ରସ୍ତୁତ କରୁଥିବାର ଦୃଶ୍ୟ ବେଶ୍ ଉପଭୋଗ୍ୟ ହେଉଛି। ଗୃହିଣୀମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା କେତୋଟି ଷ୍ଟଲ୍‌ରେ ଅପେକ୍ଷାକୃତ ଗହଳି ଦେଖିବାକୁ ମିଳୁଛି। ଆଦିବାସୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ଯଥା ବାସ୍‌ମତି ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଲୁଅ, ରାଶି ଆଦି କିଣିବାକୁ ଗୃହିଣୀମାନଙ୍କ ଆଗ୍ରହ ଦେଖିବାକୁ ମିଳିଥିଲା। ସେହିପରି ମହୁ, ଲାଖ, ଝୁଣା, ହରିଡ଼ା, ବାହାଡ଼ା ଓ ଅଁଳା ଭଳି ଲଘୁ ବନଜାତ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲଗୁଡିକ ବୁଲିବାକୁ ଅନେକ ପରିବାର ଆଗ୍ରହ ଦେଖାଇଥିଲେ।



ଆଦିବାସୀ ମେଳାରେ ଦୁଇଜଣ ମହିଳା ହସ୍ତଶିଳ୍ପ ସାମଗ୍ରୀ ତିଆରି କରୁଛନ୍ତି ।

## ଓଡ଼ିଆ ଶିଳାଲିପି ଅମୂଲ୍ୟ ସମ୍ପଦ

**ଭୁବନେଶ୍ୱର, ୨୮।୧(ବ୍ୟୁରୋ)**

ଓଡ଼ିଆ ଅଭିଲେଖ, ଶିଳାଲିପି ହେଉଛି ଅମୂଲ୍ୟ ସମ୍ପଦ। ଏଥିରୁ ପ୍ରାଚୀନ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ସହିତ ଭାଷାର କ୍ରମବିକାଶ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଜଣାପଡ଼େ ବୋଲି ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଗୁରୁବାର ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ 'ଓଡ଼ିଆ ଭାଷାର ଐତିହ୍ୟ' ସମ୍ପର୍କିତ ଏହି ଭର୍ଚୁଆଲ ଆଲୋଚନାଚକ୍ରକୁ ମହୀଶୂରସ୍ଥିତ ଭାରତୀୟ ଭାଷାକେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସି.ଜି. ଭେଙ୍କଟେଶମୂର୍ତ୍ତି ଉଦ୍‌ଘାଟନ କରିଥିଲେ। ଅତିଥି ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ ଓଡ଼ିଆ ଭାଷାରେ ଅଭିଲେଖର ଇତିହାସ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ଚେନ୍ନାଇର କେ.ଭି. ବର୍ମା ଫାଉଣ୍ଡେଶନର ସମ୍ପାଦିକା ତଥା ପୋଥିତତ୍ତ୍ୱବିତ୍ ଡ. ମମତା ମିଶ୍ର ଓଡ଼ିଆ ତାଳପତ୍ର ପୋଥି ରଚନାର ପରମ୍ପରା, ବୈଶିଷ୍ଟ୍ୟ ଏବଂ ବୈଚିତ୍ର୍ୟ ଉପରେ କହିଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶାସ୍ତ୍ରୀୟ ଭାଷା ବିଭାଗ ମୁଖ୍ୟ ପ୍ରଫେସର ଫର୍ନାଣ୍ଡିଜ୍ ଶାସ୍ତ୍ରୀୟ କେନ୍ଦ୍ରର କାର୍ଯ୍ୟଧାରା ସଂପର୍କରେ ବୁଝାଇଥିଲେ। ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

# ଅଧିକ ମାନବ ସମ୍ବଳ ଲାଗି ଦକ୍ଷତାକୁ ପ୍ରାଧାନ୍ୟ ଦିଆଯାଉଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୮।୧(ବ୍ୟୁରୋ):**

ବିଶ୍ୱବ୍ୟାପୀ ଦୃଶ୍ୟପଟକୁ ନଜରରେ ରଖି ମୋଦି ସରକାର ନୀତି ଏବଂ କ୍ରିୟାନ୍ୱୟନ ସ୍ତରରେ ସୁଯୋଗର ଲାଭ ଉଠାଇ ରିସ୍କିଲିଂ ଏବଂ ଅପ୍ ସ୍କିଲିଂ ଇକୋସିଷ୍ଟମକୁ ସୁଦୃଢ଼ କରି ଅଧିକରୁ ଅଧିକ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଗୁରୁବାର ୱାର୍ଲଡ୍ ଇକୋନୋମିକ୍ ଫୋରମ ପକ୍ଷରୁ ଆୟୋଜିତ 'ଡାଭୋସ ଏଜେଣ୍ଡା'ର ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି। 'ସ୍କିଲିଂ ଦ ଗ୍ଲୋବାଲ୍ ୱାର୍କଫୋର୍ସ' ଶୀର୍ଷକ ଉପରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଧର୍ମେନ୍ଦ୍ର ଦେଶରେ ଥିବା ଉଚ୍ଚାଭିଳାଷୀ, ଜ୍ଞାନୀ, ଦକ୍ଷ ଏବଂ ରୋଜଗାରକ୍ଷମ ମାନବ ସମ୍ବଳ ଉପରେ ଆଲୋକପାତ କରିଛନ୍ତି। ଏହାସହ ଭାରତ ଭବିଷ୍ୟତର ପିଢ଼ିକୁ ଆଗାମୀ ଦିନର କାର୍ଯ୍ୟ ଓ ରୂପରେଖ ପ୍ରସ୍ତୁତ କରିବା ଉପରେ ସେ ମଧ୍ୟ ମତବକ୍ତ କରିଛନ୍ତି । ସେ କହିଛନ୍ତି, ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦେଉଥିବା ଭାରତ ସରକାର ନୂଆ ଶିକ୍ଷାନୀତି ମାଧ୍ୟମରେ ଢାଞ୍ଚାଗତ ପରିବର୍ତ୍ତନ ଆଣି ଛାତ୍ରୀଛାତ୍ରଙ୍କୁ ନୂଆ ସମ୍ଭାବନା ପାଇଁ ପ୍ରସ୍ତୁତ କରିବା ଉପରେ ପଦକ୍ଷେପ ନେଉଛି। ଭାରତର ଦକ୍ଷତା ବୃଦ୍ଧି ପାଇଁ ସ୍କିଲ୍ ଇଣ୍ଡିଆ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତଥା ସ୍କିଲ୍ ଇଣ୍ଡିଆ ପଦକ୍ଷେପ ଫଳରେ କାଲିଫର୍ନିଆରେ ଥିବା ଚାଳକବିହୀନ କାର୍ କମ୍ପାନୀରେ ସର୍ଭର, ଯୋଜନା, ଜ୍ଞାନକୌଶଳର ସାହାଯ୍ୟ ପୂର୍ବ ଭାରତର ଭୁବନେଶ୍ୱର ଭଳି ସହରର ମାନବ ସମ୍ବଳ ସାହାଯ୍ୟ କରୁଛି। ବାସ୍ତବରେ ସମାଜରେ କିଭଳି ମାନବ ସମ୍ବଳର ଦକ୍ଷତା, ଆକାଂକ୍ଷା, ଜ୍ଞାନକୌଶଳ ଏବଂ ନିଯୁକ୍ତିର ବ୍ୟବହାର କରୁଛେ ତାହା ଉପରେ ମହାମାରୀ ସୁଯୋଗ ପ୍ରଦାନ କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଦୟାନଦୀ କୂଳେ ବିଶ୍ୱଶାନ୍ତି ମହାଆରତି

**ଭୁବନେଶ୍ୱର,୨୮।୧:**

ଭାରତୀୟ ସଂସ୍କୃତିରେ ନଦୀକୁ 'ମା' ସହିତ ତୁଳନା କରାଯାଇଛି। ପ୍ରତ୍ୟେକ ନଦୀର ଯେପରି ପୌରାଣିକ, ଐତିହାସିକ ତଥ୍ୟ ରହିଛି ସେହିପରି ଉତ୍କଳର ଗରିମା ବହନ କରୁଥିବା ଦୟାନଦୀର ପୌରାଣିକ, ଐତିହାସିକ ତଥ୍ୟ ଅନେକ ରହିଛି। ଧଉଳି ପାହାଡ଼ ପାଦଦେଶରେ ପ୍ରବାହିତ ଏହି ପୁଣ୍ୟତୋୟା ଦୟା ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଦେଇଥିବା ସୂଚନା ରହିଛି। ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଭଗବାନ ବୁଦ୍ଧଙ୍କର ଶାନ୍ତିର ବାର୍ତ୍ତା ଏବଂ ସର୍ବୋପରି କରୋନା ରୂପକ ମହାମାରୀରୁ ସମଗ୍ର ବିଶ୍ୱକୁ ରକ୍ଷାକରିବା ପାଇଁ ଦୟାନଦୀ ତଟରେ ଅବସ୍ଥିତ ଶ୍ରୀ ବୈରାଗେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ଘାଟରେ ମହାଆରତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବହୁ ସାଧୁସନ୍ଥ, ମହନ୍ତ, ପଣ୍ଡିତଙ୍କ ସମାଗମ ହୋଇଥିଲା। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ମହାସଂଘ ଅଧ୍ୟକ୍ଷ ଡ. ବଦ୍ରିନାଥ ପଟ୍ଟନାୟକ ଓ ଦୟା ଆରତି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ରାମାନୁଜାଚାର୍ଯ୍ୟ, ସ୍ୱାମୀ ଅରୂପାନନ୍ଦ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ଯୋଗଦେଇ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଆୟକର ବିଭାଗର ପୂର୍ବତନ ମୁଖ୍ୟ କମିଶନର ଶରତ ଦାସ, କିଟ୍ ଓ କିସ୍‌ର ଚେୟାରପର୍ସନ ହରେକୃଷ୍ଣ ଶତପଥୀ, ସଂସ୍କୃତି ବିଶେଷଜ୍ଞ ସୂର୍ଯ୍ୟନାରାୟଣ ରଥଶର୍ମା, ଉତ୍କଳ ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ମନୋଜ ରଥ, କରୁଣାକର ପ୍ରଧାନ, ହରେକୃଷ୍ଣ ଶତପଥୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସୁନୀଲ ପୂଜାପଣ୍ଡା, ଶୁଚିସ୍ମିତା ପୃଷ୍ଟି ଯୋଗଦେଇଥିଲେ। ଦୀନବନ୍ଧୁ ମହାପାତ୍ର ପରିଚାଳନା କରିଥିଲେ।


ଶ୍ରୀ ବୈରାଗେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ଘାଟରେ ମହାଆରତି କରାଯାଉଛି ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର,୨୮।୧(ବ୍ୟୁରୋ):**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁନ୍ଦରପଦାର ଶଙ୍କର ମଲ୍ଲିକ(୪୮)। ଆକ୍ରମଣର ଶିକାର ପବିତ୍ର ମଲ୍ଲିକଙ୍କ ଅଭିଯୋଗକ୍ରମେ ପୋଲିସ ପୋଲିସ ଏହି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ, ଶଙ୍କର ଓ ପବିତ୍ର ହେଉଛନ୍ତି ପଡୋଶୀ। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିବାବେଳେ ବୁଧବାର କୌଣସି ଘଟଣାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶଙ୍କର ନିକଟରେ ପଡିଥିବା ଏକ ଲୁହା ରଡ୍‌ରେ ପବିତ୍ରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପବିତ୍ରଙ୍କ ମୁଣ୍ଡ ଓ ଶରୀରରେ ଗୁରୁତର ଆଘାତ ଲାଗିଥିଲା।

# ଦୁଇ ଥାନା ପୋଲିସର ଖୋଳତାଡ଼, ମିଳୁନି ସୁରାକ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଭୁବନେଶ୍ୱର କୋଳଥିଆରୁ କୋରାପୁଟ କାର୍ ଭଡାରେ ନେଇ ଡ୍ରାଇଭରଙ୍କୁ ହତ୍ୟା ଓ ଗାଡ଼ି ଲୁଟ୍ ଘଟଣାକୁ ୨ଦିନ ବିତିଯାଇଛି। ଏହି ଘଟଣାରେ କାର୍ ଲୁଟ୍ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଛି ନା ପୂର୍ବ ଶତ୍ରୁତାକୁ ନେଇ ଏପରି ହତ୍ୟାକାଣ୍ଡ ଘଟିଛି ତାହାକୁ ନେଇ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଖଣ୍ଡଗିରି ଓ ବୋରିଗୁମ୍ମା ଥାନା ପୋଲିସ ଘଟଣାର ଖୋଳତାଡ଼ କରୁଥିଲେ ମଧ୍ୟ ଲୁଟ୍ କାର୍ କିମ୍ବା ଅଭିଯୁକ୍ତଙ୍କ ସମ୍ପର୍କରେ ସାମାନ୍ୟତମ ସୁରାକ ପାଇପାରୁନି।

ମୃତ ଡ୍ରାଇଭର ହେଉଛନ୍ତି ଖୋର୍ଦ୍ଧା ବେଗୁନିଆର ସୁଧୀର କୁମାର ସାହୁ। ସେ ଭୁବନେଶ୍ୱର ଜାଗମରାରେ ରହି କାର୍ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସାଙ୍ଗ ସୌରଭ କୁମାର କହିଛନ୍ତି, ସୁଧୀର ଭଡା ଯିବା ପୂର୍ବରୁ ତାଙ୍କୁ ୨୩ ତାରିଖରେ ଯୋଗଯୋଗ କରିଥିଲେ। କୋଳଥିଆ ଅଞ୍ଚଳରୁ ୨ ଜଣଙ୍କୁ ଭଡାରେ ନେଇ ବାଲିଗୁଡା ଯିବା କଥା କହିଥିଲେ। ଯିବାବେଳେ ସୁଧୀର ତାଙ୍କୁ ଯୋଗଯୋଗ କରୁଥିଲେ। ରାସ୍ତା ପଚାରିବା ସହ ସେ ୨୪ ତାରିଖ ସୁଦ୍ଧା ରାୟଗଡାରେ ପହଞ୍ଚିଥିବା କହିଥିଲେ। ସେଠାରୁ କୋରାପୁଟ ଯିବାର କାର୍ଯ୍ୟକ୍ରମ ଥିବା ଜଣାଇଥିଲେ। ମାତ୍ର ଏହାପରଠାରୁ ତାଙ୍କର ଫୋନ ଲାଗି ନ ଥିଲା। ବୁଧବାର ଅପରାହ୍ନରେ ତାଙ୍କ ମୃତଦେହ କୋରାପୁଟ ବୋରିଗୁମ୍ମା ଥାନା ଅନ୍ତର୍ଗତ ଛତରଲା ଗ୍ରାମ ନିକଟରୁ ମିଳିଥିଲା। ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା ପରେ ସେଠାରେ ଫିଙ୍ଗି ଦେଇ କାର୍ ଲୁଟି ନେଇଥିଲେ। ବୋରିଗୁମ୍ମା ପୋଲିସ ମୃତଦେହ ଜବତ କରିବା ସହ ନଂ. ୨୦/୨୧ରେ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ହତ୍ୟାକାରୀଙ୍କ ସମ୍ପର୍କରେ କିଛି ସୂଚନା ପାଇପାରିନି। ଗୁରୁବାର ସୁଧୀରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବୋରିଗୁମ୍ମା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି। ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ସେ କହିଛନ୍ତି।

ଅପରପକ୍ଷରେ ଖଣ୍ଡଗିରି ଥାନା ପୋଲିସ ଖୋଳତାଡ଼ କରୁଥିଲେ ମଧ୍ୟ କିଏ ଭଡାରେ କାର ନେଇଥିଲେ ସେ ନେଇ କୌଣସି ତଥ୍ୟ ହାସଲ କରିପାରି ନାହିଁ। କେବଳ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଥିବା କୁହାଯାଉଛି। ହେଲେ ରାଜଧାନୀରେ ମାଳମାଳ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ନ ପାରିବା କମିଶନରେଟ ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି ସୁଧୀରଙ୍କ ସାଙ୍ଗ ସୌରଭ। ପୂର୍ବରୁ ମଧ୍ୟ ଭୁବନେଶ୍ୱରରେ ଏପରି ଘଟଣା ଘଟିଛି। ଭଡ଼ାରେ ଯାଉଥିବା ଡ୍ରାଇଭରଙ୍କୁ ହତ୍ୟା କରି କାର୍ ଲୁଟ୍ ହେଉଥିଲେ ମଧ୍ୟ କମିଶନରେଟ ପୋଲିସ ଘଟଣାକୁ ସେଭଳି ଗୁରୁତ୍ୱର ସହ ଗ୍ରହଣ କରୁ ନ ଥିବାରୁ ରାଜଧାନୀରେ ଏବେ ଏକାଧିକ କାର୍ ଲୁଟ୍ ଗ୍ୟାଙ୍ଗ୍ ସକ୍ରିୟ ଥିବା ସେ କହିଛନ୍ତି।

**ଡ୍ରାଇଭରଙ୍କୁ ହତ୍ୟା କରି କାର୍ ଲୁଟ୍ ଘଟଣା**

- ପୋଲିସକୁ ତଥ୍ୟ ଦେଲେ ସୁଧୀରଙ୍କ ସାଙ୍ଗ ସୌରଭ
- ଘଟଣା ପଛରେ କାର୍ ଲୁଟ୍ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ସନ୍ଦେହ

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ମାନସ


@ ପ୍ରଦୋଷ


@ ସୌମ୍ୟଶ୍ରୀ


@ ସୁଦୀପ୍ତ


@ ଶ୍ୱେତା


@ ହରିଚନ୍ଦନ


@ ଶିବରାମ


@ ଶୁଭେନ୍ଦୁ

## ବାଲାଜୀ ଏକାଡେମୀ ବିଜୟୀ

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଛଣଗିରି ଖେଳପଡିଆରେ ମା'ଭଗବତୀ ଫୁଟବଲ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟରେ ଗୁରୁବାର ଆଠଗଡ଼ ଅରବିନ୍ଦ ସ୍ପୋର୍ଟ୍ସ କ୍ଲବକୁ ହରାଇ ଜଟଣୀର ବାଲାଜୀ ଏକାଡେମୀ ବିଜୟୀ ହୋଇଛି। ମ୍ୟାଚରେ ବାଲାଜୀ ଏକାଡେମୀ ଦୁଇଟି ଗୋଲ ଦେଇଥିବା ବେଳେ ଅରବିନ୍ଦ ସ୍ପୋର୍ଟିଂ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବିଶ୍ୱଜିତ୍ ସାହୁ, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ ପ୍ରଧାନ, ଫକିର ଚରଣ ନିଶଙ୍କ ମ୍ୟାଚ ପରିଚାଳନା କରିଥିଲେ। ମମତା ଜେନା, ପ୍ରଭାତ ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ସାହୁ, ସତ୍ୟଜିତ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ସଂକ୍ଷେପରେ

## ମାଟି ତଳୁ ମିଳିଲା ମନ୍ଦିର ଭଗ୍ନାବଶେଷ

**ପୁରୁଣା ଭୁବନେଶ୍ୱର,୨୮।୧(ଡି.ଏନ୍.ଏ.):** ଏକାମ୍ର କ୍ଷେତ୍ରର ଉନ୍ନତି ପାଇଁ ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଉଚ୍ଛେଦ ଓ ଖନନ ପ୍ରକ୍ରିୟା କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ନିକଟ ଶୁକସାରୀ ମନ୍ଦିର ପରିସରରେ ଖନନ ବେଳେ ମାଟିତଳୁ ଏକ ମନ୍ଦିର ସଦୃଶ ଭଗ୍ନାବଶେଷ ବାହାରିଥିଲା। ଖବରପାଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ଏହା ଏକ ପାର୍ଶ୍ୱ ଦେବୀଦେବ ମନ୍ଦିର ଚଟାଣର ବେସ୍ ଜଣାପଡୁଛି। ତେବେ ଏହା ସମ୍ପୂର୍ଣ୍ଣ ଖନନ ହୋଇସାରିବା ପରେ ପ୍ରକୃତ ଐତିହ୍ୟ ସମ୍ବନ୍ଧରେ ତଥ୍ୟ ମିଳିପାରିବ ବୋଲି ଏଏସ୍ଆଇର ଜଣେ ଅଧିକାରୀ କହିଛନ୍ତି। ଏନେଇ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି, ମନ୍ଦିରମାଳିନୀ ସହର ଏକାମ୍ର କ୍ଷେତ୍ରର ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ଅତୀତରେ ଏହି ମନ୍ଦିର ନିକଟ ଭବାନୀଶଙ୍କର ମନ୍ଦିରର ପୁନରୁଦ୍ଧାର ସମୟରେ ଅନେକ ପାର୍ଶ୍ୱଦେବୀଦେବ ମନ୍ଦିର, ପଥରରେ ବିଭିନ୍ନ କାରୁକାର୍ଯ୍ୟ ମିଳିଥଲା। ଏହା ନୂତନ ଘଟଣା ନୁହେଁ। ସମ୍ପୂର୍ଣ୍ଣ ଖନନ ହେଲେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## କୁଦିଆରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କଲେ ବିଧାୟକ

**ଜଟଣୀ,୨୮।୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପୋଷ୍ୟ ଭାବେ ଗ୍ରହଣ କରିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟ ଜଟଣୀ ନିର୍ବାଚନମଣ୍ଡଳୀ ଓ ପୌରାଞ୍ଚଳର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ସୁନାମ ଅର୍ଜନ କରିଛି। ତେଣୁ ଏହି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ମୋର ଦାୟିତ୍ୱ ବୋଲି ବିଧାୟକ ରାଉତରାୟ କହିଛନ୍ତି। ଜିଲା ଶିକ୍ଷାଅଧିକାରୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବଗତି ପାଇଁ ଚିଠି ନଂ.୬୧୦୮/୨୧କୁ ପ୍ରେରଣ କରିଛନ୍ତି। ବିଧାୟକ ରାଉତରାୟ ଏହି ବିଦ୍ୟାଳୟର ବିକାଶରେ ସାମିଲ ହୋଇଥିବାରୁ ପ୍ରଧାନ ଶିକ୍ଷକ କାଶୀନାଥ ଦାସ ଧନ୍ୟବାଦ ଜଣାଇଛନ୍ତି।

## ଧ୍ରୁବଚରଣ ହେଲେ ବିଧାୟକଙ୍କ ବ୍ଲକ ପ୍ରତିନିଧି

**ଜଟଣୀ,୨୮।୧(ଡି.ଏନ୍.ଏ.):** ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଜଟଣୀ ବ୍ଲକର ନୂତନ ପ୍ରତିନିଧି ଭାବେ ଧ୍ରୁବଚରଣ ମହାପାତ୍ର ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ, ଭୁବନେଶ୍ୱର କମିଶନରେଟ ପୋଲସ, ଭୁବନେଶ୍ୱର ତହସିଲଦାର, ଜଟଣୀ ସିଏସ୍‌ସି ଅଧିକାରୀ, ଜଟଣୀ ଥାନା, ପିଡବ୍ଲୁଡି ପ୍ରମୁଖ କାର୍ଯ୍ୟାଳୟକୁ ନୂତନ ନିଯୁକ୍ତି ସମ୍ବନ୍ଧରେ ଅବଗତ କରାଯାଇଥିବା ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ ସାହୁ କହିଛନ୍ତି। ନୂତନ ଦାୟିତ୍ୱକୁ ନେଇ ମହାପାତ୍ର କହିଛନ୍ତି, ଦଳର ନୀତିନିୟମ ଓ ଅନୁଶାସନକୁ ମାନି ଲୋକଙ୍କ ସମସ୍ୟାକୁ ବ୍ଲକସ୍ତରରେ ବିଧାୟକଙ୍କ ପ୍ରତିନିଧିଭାବେ ଦାୟିତ୍ୱ ତୁଲାଇବି। ବିଧାୟକ ରାଉତରାୟ ମୋ ଉପରେ ଅସ୍ଥା ପ୍ରକଟ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞ।

## ଅରୋଭିଲ୍ ଟ୍ରଷ୍ଟ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ, ୨୮।୧(ଡି.ଏନ.ଏ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତର ପାଇକରାପୁରରେ ବୁଧବାର ଅରୋଭିଲ୍ ଟ୍ରଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ସଙ୍ଗଠକ ସୁକାନ୍ତ କୁମାର ଦଲାଇଙ୍କ ପ୍ରୟାସରେ ଏହି ଟ୍ରଷ୍ଟ ଗଢ଼ିଉଠିଛି। ଟ୍ରଷ୍ଟକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ଉପସଭାପତି ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ପାଇକରାପୁର ଗ୍ରାମ୍ୟ କମିଟି ସଭାପତି ଜଳନ୍ଧର ଦଳାଇ, ଟ୍ରଷ୍ଟ ସଭାପତି ସୁନିଲ କୁମାର ଦଳାଇ, ସମ୍ପାଦକ ବ୍ରହ୍ମଚାରୀ ସାହୁ, କୋଷାଧକ୍ଷ ଲଳିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗରିବ ଏବଂ ଅସହାୟଙ୍କୁ ସହଯୋଗ କରିବା ଏହି ଟ୍ରଷ୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପଦେଷ୍ଟା ସୁକାନ୍ତ କୁମାର ଦଳାଇ କହିଥିଲେ। ପ୍ରଚେତ ପରାଞ୍ଜୟ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରମାରଞ୍ଜନ ନାୟକଙ୍କ ନେତୃତ୍ୱରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ସ୍ୱପ୍ନ ସାକାର ପାଇଁ ପ୍ରୟାସ ଜାରି ରଖ'

**ଖୋର୍ଦ୍ଧା ଅଫିସ,୨୮।୧**



ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ପି.ଏନ୍. କଲେଜର ୬୨ତମ ସାମ୍ବତ୍ସରିକ ଉତ୍ସବ**
- ଭଗବାନ ପ୍ରକାଶଙ୍କୁ ପ୍ରାଣନାଥ ସମ୍ମାନ
- ବନଜ ଦେବୀଙ୍କୁ ମଞ୍ଜରୀ ସାହିତ୍ୟ, ପ୍ରେମ ଆନନ୍ଦଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ
- ପ୍ରାଚୀପ୍ରଜ୍ଞା, ରୁପାଲି, ଆଦିତ୍ୟଙ୍କୁ ସ୍ୱର୍ଣ୍ଣପଦକ
- ପି.ଏନ୍. କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ

ଖୋର୍ଦ୍ଧାସ୍ଥିତ ପ୍ରାଣନାଥ (ପି.ଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ ସାମ୍ବତ୍ସରିକ ଉତ୍ସବ ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସନତ କୁମାର ମହାନ୍ତି ଯୋଗଦେଇ ଶିକ୍ଷାର ପ୍ରଗତିରେ ପ୍ରାଣନାଥ ମହାବିଦ୍ୟାଳୟର ଭୂମିକାକୁ ପ୍ରଶଂସା କରିଥିଲେ। ଉଚ୍ଚଭିଳାଷୀ ହୁଅ, ସ୍ୱପ୍ନ ଦେଖ ଓ ତାହାକୁ ସାକାର କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଜିଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ପ୍ରାଣନାଥଙ୍କ ସ୍ମୃତିଚାରଣ ସହ ଏହି କଲେଜର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ମିତ୍ର କହିଥିଲେ, ଶିକ୍ଷାର ଅନ୍ତୁଡ଼ିଶାଳ ଭାବେ ପି.ଏନ୍. କଲେଜ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କୁ ଗଢିଛି। ଏହି ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ ବୋଲି ସେ ଦାବି କରିବା ସହ ଏଥିଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଜାତୀୟସ୍ତରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଭଗବାନ ପ୍ରକାଶଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ପ୍ରାଣନାଥ ସମ୍ମାନ ପ୍ରଦାନ କରାଯାଇଛି। ବିଶିଷ୍ଟ ଲେଖିକା ବନଜ ଦେବୀଙ୍କୁ ମଞ୍ଜରୀ ସାହିତ୍ୟ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଛି। କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ଭଞ୍ଜ ଏବଂ ଡା. ବିଶ୍ୱନାଥ ପାଢୀଙ୍କୁ ଆଲୁମିନ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟର ଚଳିତ ବର୍ଷର ଶ୍ରେଷ୍ଠ ସ୍ନାତକ ଛାତ୍ରୀ ପ୍ରାଚୀପ୍ରଜ୍ଞା ସାହୁ, କଳା ବିଭାଗର ଶ୍ରେଷ୍ଠ ଗ୍ରାଜୁଏଟ ରୁପାଲି ସାହୁ ଓ ବାଣିଜ୍ୟ ଛାତ୍ର ଆଦିତ୍ୟନାଥ ପୃଷ୍ଟିଙ୍କୁ ଅତିଥିମାନେ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି। ସେବା ନିବୃତ୍ତ ଦୁଇ ଅଧକ୍ଷା ଡ. ସୌଦାମିନୀ ଦାଶ, ଡ. ବିଶ୍ୱମୋହିନୀ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମହାବିଦ୍ୟାଳୟର ଅଧକ୍ଷା ଡ. ରଞ୍ଜିତା ସେଠୀ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶୁଭେନ୍ଦୁ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଭିଡ୍ କଟକଣା ଯୋଗୁ ଏହି ଉତ୍ସବରେ କଲେଜର ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନା ଦିଆଯାଇନାହିଁ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧକ୍ଷାଙ୍କ ପ୍ରକୋଷ୍ଠରେ ଏହା ପ୍ରଦାନ କରାଯିବ ବୋଲି କଲେଜ ପକ୍ଷରୁ କୁହାଯାଇଛି। ପ୍ରଫେସର ମନୋରଞ୍ଜନ ସେନାପତି, ପ୍ରଫେସର ପି.କେ. ସାମନ୍ତରାୟ, ଉମାଶଙ୍କର ମହାପାତ୍ର, ଡ. ଶରତ ଚନ୍ଦ୍ର ଦୋରା, ପ୍ରସନ୍ନ କୁମାର ସାହୁ, ଲକ୍ଷ୍ମୀପ୍ରସନ୍ନ ପଟ୍ଟନାୟକ, ଲଳିତ ମୋହନ ପଣ୍ଡା, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ମଜୁମଦାର, ଗୋପାଳକୃଷ୍ଣ ଦାସ ଓ ସରୋଜ ସୁନ୍ଦର ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

## ଦୁଇ ମୃତ ବିଦେଶୀ ପକ୍ଷୀ ଜବତ

**ନିରାକାରପୁର,୨୮।୧(ଡି.ଏନ୍.ଏ.)**


ଗିରଫ ଦୁଇ ଶିକାରୀ।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଗୁରୁବାର ହରିପୁର ଛକ ନିକଟରୁ ଦୁଇ ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ୨ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ବଉଳାବନ୍ଧ ଗ୍ରାମର ରାକେଶ ମହାରଣା ଓ ସୁଜିତ ସ୍ୱାଇଁ। ଏମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଗୁରୁବାର ଶିକାରୀଦ୍ୱୟ ପକ୍ଷୀ ଶିକାର କରି ବିକ୍ରି କରିବା ପାଇଁ ଯାଉଥିବା ନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗକୁ ସୂଚନା ମିଳିଥିଲା। ଖବରପାଇ ବନ୍ୟପ୍ରାଣୀ ଅଧିକାରୀ ନିନି ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ଶିକାରୀଦ୍ୱୟଙ୍କୁ ଧରିବା ସହ ମୃତ କମନ କୁଦି ବିଦେଶୀ ପକ୍ଷୀ ଜବତ କରିଥିଲେ।

## ସୃଷ୍ଟି ଫାଉଣ୍ଡେଶନ ପକ୍ଷରୁ ନାଟକ 'ଡାକମୁନ୍‌ସି' ମଞ୍ଚସ୍ଥ

**ବୋଲଗଡ଼,୨୮।୧(ଡି.ଏନ୍.ଏ.)**

ସାଧାରଣତନ୍ତ୍ର ଦିବସ ଅବସରରେ ମଙ୍ଗଳବାର ପଞ୍ଚମ ବାର୍ଷିକ ନାଟକ ଉତ୍ସବ ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ପାଳିତ ହୋଇଯାଇଛି। ସୃଷ୍ଟି ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଟକ 'ଡାକମୁନ୍‌ସି' ପରିବେଷିତ ହୋଇଥିଲା। ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପର ନାଟ୍ୟ ରୂପାନ୍ତର କରିଥିଲେ ନାଟ୍ୟକାର ନିତ୍ୟାନନ୍ଦ ସୁବୁଦ୍ଧି। ଜିତେନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ନାଟକ ପ୍ରାଣବନ୍ତ ହୋଇଉଠିଥିଲା। ସେଟ୍ ଡିଜାଇନର ହର ପ୍ରସାଦ ତ୍ରିପାଠୀ ମଞ୍ଚ ମାୟା ସୃଷ୍ଟି କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନାଟ୍ୟାଭିନେତା ଭୀମସେନ ସେଠୀଙ୍କୁ 'ସୃଷ୍ଟି ନାଟକ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୟାଗଡର ନାଟ୍ୟକାର ଶରତ ଆଚାର୍ଯ୍ୟ, ଅଭିନେତା ଦେବେନ୍ଦ୍ର ପରମଗୁରୁ, ଆଇନଜୀବୀ ବିକ୍ରମ ଚମ୍ପତି ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଐତିହାସିକ ରବୀନ୍ଦ୍ର ପରିଡା, ଗୁଣନିଧି ହୋତା ଉପସ୍ଥିତ ଥିଲେ। ସୃଷ୍ଟି ଫାଉଣ୍ଡେଶନର ଉପଦେଷ୍ଟା କୃଷ୍ଣମୋହନ ପାଲଟସିଂ ଉତ୍ସବର ଉଦ୍‌ଘାଟନ କରିଥିଲେ। ସୁଧାଂଶୁ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିମାନେ ନାଟକ କଳାର ପ୍ରଚାର, ପ୍ରସାର, ଉନ୍ନତି ପାଇଁ ଫାଉଣ୍ଡେଶନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସନ୍ତୋଷ, ଆଲୋକ, ମିଳନ, ପ୍ରିୟବ୍ରତ, ବିଜୟ, ସୁଧୀର, କାହ୍ନା, ପ୍ରକାଶ, ଶୁଭ, ମଧୁ, ମାନ, ସୁଜାତା, ସୀମା, କଲ୍ୟାଣୀ ପ୍ରମୁଖ ନାଟକରେ ଅଭିନୟ କରିଥିଲେ।

## ସଙ୍ଗୀତା, କେଳୁଚରଣଙ୍କୁ ଦେବାଭିଷେକ ସଙ୍ଗୀତ ସମ୍ମାନ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

**ପୁରୀ ଅଫିସ,୨୮।୧**

**ମୀରା ପାଇଲେ ନୃତ୍ୟ ସମ୍ମାନ**

ପୌଷ ପୂର୍ଣ୍ଣିମା ଅବସରରେ ଗୁରୁବାର ସିଂହଦ୍ୱାର ସମ୍ମୁଖରେ ଦେବାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସିଦ୍ଧେଶ୍ୱର ମହାପାତ୍ର, ସଚ୍ଚିଦାନନ୍ଦ ଦାସ ଓ ନୀଳକଣ୍ଠ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଦକ୍ଷ କଳାକାରଙ୍କୁ ସମ୍ମାନିତ କରାଯାଇଛି। ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସଙ୍କୁ ଦେବାଭିଷେକ ନୃତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିଭଳି ସଙ୍ଗୀତା ଗୋସାଇଁ ଓ ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଦେବାଭିଷେକ ସଙ୍ଗୀତ ସମ୍ମାନ, ସଚ୍ଚିଦାନନ୍ଦ ଦାସଙ୍କୁ ଦେବାଭିଷେକ ବାଦ୍ୟ ସମ୍ମାନ, ଲିପ୍ସା ଶତପଥୀଙ୍କୁ ନୃତ୍ୟ ସମ୍ମାନ, ସୁସ୍ମିତା ରାଜହଂସ ଏବଂ ବିଜୟ କୁମାର ବାରିକଙ୍କୁ ସାଂସ୍କୃତିକ ସମ୍ମାନ ମିଳିଛି। ଏହି କାର୍ଯ୍ୟକ୍ରମରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା।

## ଟିଛିଣିରେ ଭାଜପା କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ, ୨୮।୧(ଡି.ଏନ୍.ଏ)**

କୃଷ୍ଣପ୍ରସାଦ ବ୍ଲକର ଟିଛିଣି ବୀଣାପାଣି ଯୁଥ କ୍ଲବ ପରିସରରେ ବ୍ଲକସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଦୀନବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, କେଳୁ ଚରଣ ଜେନା, ରଘୁନାଥ ବଡୁ, ସତ୍ୟପ୍ରିୟ ଜେନା, ଉତ୍ତମ କୁମାର ତରେଇ, ସଂଗ୍ରାମ କେଶରୀ ଜେନା, ସୁରେନ୍ଦ୍ର କୁମାର ବିଶ୍ୱାଳ, ଅଶୋକ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଚିଲିକା ବିଲ୍, ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ବେଳାଭୂମି ରାସ୍ତା ନିର୍ମାଣ, ଜହ୍ନିକୁଦା, ସାତପଡ଼ା ଓ ଚିଲିକାରେ ବ୍ରିଜ ନିର୍ମାଣ ଦାବି ନେଇ ଆଲୋଚନା ହୋଇଥିଲା। ଭାରତମାଳା ପ୍ରକଳ୍ପ ଯୋଜନାରୁ କୃଷ୍ଣପ୍ରସାଦ ବାଦ୍ ପଡ଼ିନାହିଁ ବୋଲି ବିରୋଧୀ ଦଳ ନେତା କହିଥିଲେ। କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ଟିଛିଣି ଗ୍ରାମ୍ୟ କମିଟି ସଭାପତି ମାଗୁଣି ଚରଣ ଜେନା, ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧକ୍ଷ ବୁଲାମଣି ସାହୁ, ହିରଣ୍ୟ କୁମାର ଜେନା, ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୁସ୍ତକ 'ମାଟି ବୈକୁଣ୍ଠ' ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବେଗୁନିଆ,୨୮।୧(ଡି.ଏନ୍.ଏ.)**

ବେଗୁନିଆସ୍ଥିତ ମା' ରାମଚଣ୍ଡୀ ପୀଠ ପରିସରରେ ମଙ୍ଗଳବାର ରାଧାବଲ୍ଲଭ ଭବନ ଠାରେ ଶିକ୍ଷାବିତ୍ ଲକ୍ଷ୍ମୀଧର ମହାପାତ୍ରଙ୍କ ରଚିତ ପୁସ୍ତକ 'ମାଟି ବୈକୁଣ୍ଠ' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟିକ ବଳରାମ ରଣସିଂହ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବେଣୁଧର ରାଉତ, ମୁଖ୍ୟ ବକ୍ତା ଉଷାରାଣୀ ପଟେଲ ଯୋଗଦେଇଥିଲେ। ଗ୍ରାମର ସଂସ୍କୃତି ଓ ଇତିହାସର ଗାଥାକୁ ମନେ ପକାଇବାକୁ ଯାଇ ଶିକ୍ଷାବିତ୍ ମହାପାତ୍ର ପୁସ୍ତକର ବିଷୟ ବସ୍ତୁକୁ ସୁନ୍ଦରଭାବେ ବର୍ଣ୍ଣନା କରିଛନ୍ତି। ପରେ 'ଆମ ଗାଁ ଓ ଆମ ସଂସ୍କୃତି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବି ହରିହର ବେହେରା, ସ୍ୱପ୍ନାରାଣୀ ପରିଡ଼ା, ସୁସ୍ମିତା ବେହେରା, ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦୀପ୍ତିରଞ୍ଜନ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦିଲୀପ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଆକ୍ୱାଟିକ ଇଣ୍ଡଷ୍ଟ୍ରିଜର ବାର୍ଷିକୋତ୍ସବ

**ପିପିଲି,୨୮।୧(ସ୍ୱ.ପ୍ର.):** ପିପିଲି ପୌରାଞ୍ଚଳ ୧୪ନଂ. ୱାର୍ଡ ସୁଲତାନନଗର ଠାରେ ଥିବା ଆକ୍ୱାଟିକ ଇଣ୍ଡଷ୍ଟ୍ରିଜର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୁରୀ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଟି. ବଦ୍ରୀ ନାରାୟଣ ମଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆକ୍ୱାଟିକ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ମ୍ୟାନେଜିଙ୍ଗ ଡାଇରେକ୍ଟର ଅବଦୁଲ ଜହୁର ଅଲ୍ଲି ଖାଁ ଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ନାରାୟଣ ଉପସ୍ଥିତ କର୍ମଚାରୀଙ୍କୁ ଉତ୍ସାହିତ କରିବା ସହିତ ସଂସ୍ଥାର ସଫଳତାକୁ ପ୍ରଶଂସା କରିଥିଲେ। ଯୁବପିଢୀମାନେ ଏହି କ୍ଷୁଦ୍ର ଶିଳ୍ପସଂସ୍ଥା ପ୍ରତି ଆକୃଷ୍ଟ ହେବା ସହ ସରକାରଙ୍କ ପକ୍ଷରୁ ଏଥିରେ ଥିବା ରିହାତି ସୁବିଧା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସାହାବାଜ ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୭୨ଜଣ କର୍ମଚାରୀ, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭ୍ୟାନ ସହ ୭୦କେଜି ଗଞ୍ଜେଇ ଜବତ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୮।୧(ଡି.ଏନ୍.ଏ.)**

ଜଙ୍କିଆ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ଗୋଡ଼ିପଡ଼ା ଟୋଲଗେଟ ନିକଟରୁ ଗୁରୁବାର ଏକ ପିକ୍‌ଅପ ଭ୍ୟାନ ସହ ୭୦କେଜି ଗଞ୍ଜେଇ ଜବତ ହୋଇଛି। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୫,୬୦,୦୦୦ ଟଙ୍କା ହେବ ପୋଲିସ କହିଛି। ସୂଚନା ମୁତାବକ, ଏକ ପିକଅପ୍ ଭ୍ୟାନରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଆଇଆଇସି ସତ୍ୟବ୍ରତ ଲେଙ୍କା ଏକ ଟିମ୍ ଗୋଡ଼ିପଡ଼ା ଟୋଲଗେଟଠାରେ ପହଞ୍ଚି ପିକଅପ ଭ୍ୟାନ (ଓଆ୦୭ ଡବ୍ଲୁ ୭୩୫୭)କୁ ଅଟକାଇ ଥିଲେ। ଏହି ସମୟରେ ଗାଡ଼ି ଚାଳକ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲା। ପୋଲିସ ଜବତ ଗାଡି ସହ ଜବତ ଗଞ୍ଜେଇ ବସ୍ତାକୁ ଥାନାକୁ ଆଣିଥିଲା। ପରେ ତହସିଲଦାର ପଦ୍ମଚରଣ ସାହୁଙ୍କ ଉପସ୍ଥିରେ ଜବତ ହୋଇଥିବା ଗଞ୍ଜେଇର ଓଜନ କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୧/୨୧)ରୁଜୁକରି ତଦନ୍ତ ଚଳାଇଛି।


ଜବତ ଭ୍ୟାନ ଓ ଗଞ୍ଜେଇ ବସ୍ତା।

# ମାଟିରେ ମିଶିଲା ୧୪୦ରୁ ଊର୍ଦ୍ଧ୍ୱ ଦୋକାନ

**ଖୋର୍ଦ୍ଧା ଅଫିସ,୨୮।୧**


ଜବରଦଖଲରେ ଥିବା ଦୋକାନ ଘରକୁ ଉଚ୍ଛେଦ କରାଯାଉଛି।

- ଉଚ୍ଛେଦ ବ୍ୟବସାୟୀଙ୍କୁ ଆଗେ ଥଇଥାନ କର
- ପୂର୍ବରୁ ଥଇଥାନ ହୋଇନାହାନ୍ତି ୫୮୮

ଖୋର୍ଦ୍ଧା ଜିଲା ଜଟଣୀ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ଅଧିକ ଜମିର ଆବଶ୍ୟକତା ରହିଛି। ଏଥିଲାଗି ସୀତାରାମ ଛକର ୧୪୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଦୋକାନୀମାନେ ନିଜ ହାତରେ ନିଜ ଦୋକାନକୁ ଭାଙ୍ଗିଛନ୍ତି। ଦୀର୍ଘ ବର୍ଷ ଧରି ସୀତାରାମ ଛକର ଉଭୟ ପାର୍ଶ୍ୱରେ ଦୋକାନ ଦେଇ ନିଜ ପିଲାଛୁଆଙ୍କ ଭବିଷ୍ୟତ ଗଢିବାର ସ୍ୱପ୍ନ ଦେଖିଥିବା ବହୁ ବ୍ୟବସାୟୀଙ୍କ ଆଶା ଏବେ ମାଟିରେ ମିଶିଛି। ଭଗ୍ନ ଦୋକାନର ମାଟିରେ ବସି ଅତୀତର ସ୍ମୃତିକୁ ସାଉଁଟି କଇଁ କଇଁ କାନ୍ଦୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ବୋଲି ଅନେକ ବ୍ୟବସାୟୀ ଗଣମାଧ୍ୟମ ଆଗରେ କହିଛନ୍ତି। ପୂର୍ବରୁ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ୫ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଉଚ୍ଛେଦ ହୋଇଥିଲେ। ଏପର୍ଯ୍ୟନ୍ତ ସେମାନଙ୍କୁ ଥଇଥାନ କରାଯାଇନାହିଁ। ଏବେ ପୁଣି ଉଚ୍ଛେଦ ବେଳେ ଜିଲା ପ୍ରଶାସନ ଅନୁରୂପ ଭାବେ ଥଇଥାନ ପ୍ରତିଶ୍ରୁତି ଦେଇଛି।

ପ୍ରକାଶ ଯେ, ଜଟଣୀ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଶେଷତଃ ସୀତାରାମ ଛକଠାରୁ କୁଦିଆରୀ ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଏଡାଇବା ଲାଗି ଏଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ବିଭିନ୍ନ ମହଲରେ ଦାବି ହୋଇଥିଲା। ପରେ ଓଭରବ୍ରିଜ ନିର୍ମାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇ ଟେଣ୍ଡର ହୋଇଥିଲା। ତେବେ ନିର୍ମାଣ କାର୍ଯ୍ୟରେ ଉଭୟ ପାର୍ଶ୍ୱରେ ରହିଥିବା ଦୋକାନ ବାଧକ ସାଜିଥିଲା। ପ୍ରଥମ ପର୍ଯ୍ୟାୟରେ କୁଦିଆରୀ ଛକ, ବଡବଜାର ଛକର ଉଭୟ ପାର୍ଶ୍ୱରୁ ଦୋକାନ ହଟାଗଲା। ଏବେ ପୁଣି ଅନ୍ୟ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଅନ୍ୟପଟେ ଓଭରବ୍ରିଜ ନିର୍ମାଣରେ ନିମ୍ନମାନର କାମ ଏବଂ ଅନିୟମିତତା ନେଇ ପ୍ରଥମେ ଠିକା ନେଇଥିବା କମ୍ପାନୀକୁ ହଟାଯାଇ ଅନ୍ୟ ଏକ କମ୍ପାନୀକୁ ଦିଆଯାଇଛି। ୫୪ କୋଟିରୁ ଆରମ୍ଭ ହୋଇ ଏହି କାର୍ଯ୍ୟ ୧୦୦ କୋଟିର ବଜେଟରେ ପହଞ୍ଚିଲାଣି। ମନ୍ଥରତା ଓ ଜମି ଉଚ୍ଛେଦ ପ୍ରକ୍ରିୟା ଶିଥିଳତା ଯୋଗୁ କାର୍ଯ୍ୟ ଆଗେଇ ପାରୁନାହିଁ। ଏହି ଓଭରବ୍ରିଜ ନିର୍ମାଣ ହେଲେ ଖୋର୍ଦ୍ଧା ଓ ପୁରୀ ମଧ୍ୟରେ ଯାତାୟାତ ସହଜ ହେବା ସହ ଟ୍ରାଫିକ ସମସ୍ୟା ଦୂର ହେବ। ବ୍ୟବସାୟିକ ଅଭିବୃଦ୍ଧି ମଧ୍ୟ ଘଟିବ। ଅନ୍ୟପକ୍ଷରେ ପୂର୍ବରୁ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଲାଗି ପ୍ରସ୍ତାବ ରହିଥିଲେ ମଧ୍ୟ ଅଦ୍ୟାବଧି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ପ୍ରଶାସନର ନାଲିଫିତା ତଳେ ଏହା ଚାପି ହୋଇ ରହିଛି ବୋଲି ବହୁ ଉଚ୍ଛେଦ ଦୋକାନୀ ଗଣମାଧ୍ୟମ ଆଗରେ କହିଛନ୍ତି। ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ କହିଛନ୍ତି, ପ୍ରଶାସନ ପକ୍ଷରୁ ଥଇଥାନ ନେଇ ବ୍ୟବସାୟୀମାନଙ୍କୁ କୌଣସି ନିର୍ଭର ପ୍ରତିଶ୍ରୁତି ଦିଆଯାଇନାହିଁ। ପ୍ରଶାସନ ପ୍ରଥମେ ବ୍ୟବସାୟୀଙ୍କ ଥଇଥାନ କଥାକୁ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଉଚ୍ଛେଦ ହେବାକୁ ଥିବା ଦୋକାନୀମାନଙ୍କ ଥଇଥାନ ନେଇ ପୂର୍ବରୁ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ପେଟପାଟଣା କଥା ଚିନ୍ତା କରି ପଦକ୍ଷେପ ନେବାକୁ ପ୍ରଶାସନକୁ କହିଛି। ଅନ୍ୟପକ୍ଷରେ ସୀତାରାମ ଛକରୁ ଉଚ୍ଛେଦ ହେବାକୁ ଥିବା ବ୍ୟବସାୟୀମାନଙ୍କ ଥଇଥାନ ଲାଗି ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି।

**୨ ଶିକ୍ଷକ ପୁରସ୍କୃତ**

ଡେଲାଙ୍ଗ,(ଡି.ଏନ୍.ଏ.): ଜନଗଣନାରେ ସ୍ୱଚ୍ଛ ଭାବେ କାର୍ଯ୍ୟକୁ ସମ୍ପାଦିତ କରିଥିବାରୁ ଡେଲାଙ୍ଗ ବ୍ଲକର ୨ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ସାଧାରଣତନ୍ତ୍ର ଦିବସରେ ପୁରୀ ଜିଲାସ୍ତରୀୟ ପରେଡରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଡେଲାଙ୍ଗ ବ୍ଲକର ୨ ଶିକ୍ଷକ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରବୀର ମହାପାତ୍ରଙ୍କୁ ରଷ୍ଟ୍ରୀୟ ରୌପ୍ୟ ମେଡାଲ ଓ ମହାରାଜ ମହେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ କାଂସ୍ୟ ମେଡାଲ ସହିତ ମାନପତ୍ର ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ଅଲାରନାଥ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍



**ବ୍ରହ୍ମଗିରି,୨୮।୧(ଡି.ଏନ.ଏ.):** ମହାପ୍ରଭୁ ଅଲାରନାଥ ମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ଚାଲିଥିବା ବେଳେ ମନ୍ଦିର ଉପରେ ସନ୍ଦେହଜନକ ଭାବେ ଏକ ଡ୍ରୋନ କ୍ୟାମେରା ଉଡୁଥିବା ଦେଖିବାକୁ ମିଳିଥିଲା। କ୍ୟାମେରା ଉଡୁଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକଙ୍କ ପାଟି ଶୁଣି ଏହି ଡ୍ରୋନକୁ ଅପେରେଟ କରୁଥିବା ଯୁବକ ଜଣଙ୍କ ଚମ୍ପଟ ମାରିଥିଲେ। ଏନେଇ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ମନ୍ଦିର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଭାଗବତ କଥା ସପ୍ତାହ ଉଦ୍‌ଘାଟିତ

**ପୁରୀ ଅଫିସ,୨୮।୧:** ଗୌରବିହାର ଆଶ୍ରମ ପରିସରରେ ଗୁରୁବାର ଭାଗବତ ସପ୍ତାହ ଉତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଭାଗବତ କଥା ୩ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ଉତ୍ସବରେ ଯୋଗଦେଇ ବକ୍ତାମାନେ କହିଛନ୍ତି, ଭାଗବତ ପୁରାଣ ଅଧ୍ୟୟନ ଦ୍ୱାରା ମଣିଷର ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନ ଆସେ। ଶାଳୀନତା ଓ ମାର୍ଜିତ ବ୍ୟକ୍ତିତ୍ୱ ପାଇଁ ଭାଗବତ ଅଧ୍ୟୟନ ଏକାନ୍ତ ଆବଶ୍ୟକ। ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବାରେ ଭାଗବତ ସମ୍ପୂର୍ଣ୍ଣ ରୂପେ ସକ୍ଷମ। ଏକ ଶୃଙ୍ଖଳିତ ଜୀବନ ଜୀଇବା ସହ ବାସ୍ତବ ସମାଜ ଗଠନ ଦିଗରେ ମଧ ସହାୟକ ହୁଏ। ଏହି କାର୍ଯ୍ୟକ୍ରମରେ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, କଟକୀ ମଠ ମହନ୍ତ ବିଜୟ ରାମାନୁଜ ଦାସ, ଗୌରବିହାର ଆଧାତ୍ମିକ ଧାତବ୍ୟ ଟ୍ରଷ୍ଟ ଅଧକ୍ଷ ସୁବଳ ଦାସ ମହନ୍ତ, ଗୀତିକାର ବଦ୍ରି ମିଶ୍ର ଉପସ୍ଥିତ ଥିଲେ।

### ଚାନ୍ଦୁଆ ଶିଳ୍ପୀ ସୁରେଶ ମହାପାତ୍ର ସମ୍ବର୍ଦ୍ଧିତ

**ପିପିଲି,୨୮।୧(ସ୍ୱ.ପ୍ର.):** ପୁରୀ ଜିଲା ଭାଜପା ପକ୍ଷରୁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚାନ୍ଦୁଆ କାରିଗର ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସାମାଜିକ କର୍ମୀ ଡା. ନବକିଶୋର ରାଉତ, ସୁକାନ୍ତ ଭଞ୍ଜ, ଜନ୍ମେଜୟ ଜେନା, ଅଜୟ ପ୍ରଧାନ, ପର୍ଶୁରାମ ମହାପାତ୍ର, ସୁଧୀର ବିଶ୍ୱାଳ, ଶ୍ୱେତ ନାୟକ, ପ୍ରଦୀପ ସାହୁ, ଗଦାଧର ପରିଡ଼ା, ସୁଶାନ୍ତ ସ୍ୱାଇଁ, ଦେବୀପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଳଗୁମରେ ଖୋଲିଲା ଧାନମଣ୍ଡି

**ସାକ୍ଷୀଗୋପାଳ,୨୮।୧(ଡି.ଏନ୍.ଏ.):** ଅଳଗୁମସ୍ଥିତ ମା' ଜଗେଶ୍ୱରୀ କୃଷି ସେବା ସମବାୟ ସମିତିରେ ନୂତନ ଧାନମଣ୍ଡି ବିଧାୟକ ଉମାକାନ୍ତ ସାମନ୍ତରାୟ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ପ୍ରଥମଦିନରେ ଚାଷୀମାନେ ୫୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଏଥିରେ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ବିଡିଓ କ୍ଷୀରୋଦ ବେହେରା, ସମବାୟ ସମ୍ପ୍ରସାରଣ ଅଧିକାରୀ କମଳ ଆଚାର୍ଯ୍ୟ, ଉପାଧକ୍ଷ ବିକ୍ରମ ଜେନା, ଆତ୍ମା ଅଧକ୍ଷ ରାମଚନ୍ଦ୍ର ମହାନ୍ତି ଓ ଦୀନବନ୍ଧୁ ରାଉତ ପ୍ରମୁଖ ଅତିଥି ଭାବେ ସାମିଲ ଥିଲେ।

### ୮୭୨ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ଡେଲାଙ୍ଗ,୨୮।୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକର ଅଭୟମୁଖି ପଞ୍ଚାୟତରେ ହାଇଟେକ ହସ୍ପିଟାଲ ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ଇନ୍ଦିପୁର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ସେବା ସଂସ୍ଥାନର ଆବାହକ ଶଶିଶେଖର ରାୟଙ୍କ ତତ୍ତ୍ୱାବଧାନରେ ଶିବିରରେ ୫ ପଞ୍ଚାୟତର ୮୭୨ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଇନ୍ଦିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଜନସାଧାରଣ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ସମ୍ପର୍କରେ ସରପଞ୍ଚ ପ୍ରସନ୍ନ କୁମାର ପରିଡା, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ ଓ ହାଇଟେକ ହସ୍ପିଟାଲ ମୁଖ୍ୟ ପରିଚାଳକ ଜ୍ୟୋତିର୍ମୟ ପଣ୍ଡା ଆଲୋଚନା କରିଥିଲେ।

# ମହାସ୍ନାନ କଲେ ପ୍ରଭୁ ଅଲାରନାଥ

**ବ୍ରହ୍ମଗିରି,୨୮।୧(ଡି.ଏନ୍.ଏ)**

ପୌଷ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀ ଅଲାରନାଥ ଗୁରୁବାର ମହାସ୍ନାନ କରିଛନ୍ତି। ମହାସ୍ନାନ ବା ପୁଷ୍ୟାଭିଷେକ ପରେ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଥିଲା। ସକାଳୁ ମନ୍ଦିରର ସମସ୍ତ ନୀତି ସମାପନ ପରେ ଶ୍ରୀଜୀଉଙ୍କୁ ୧୦୮ ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ବ୍ରହ୍ମଗିରିରେ ଚତୁର୍ଭୁଜ ନାରାୟଣ ବର୍ଷତମାମ ମନ୍ତ୍ରସ୍ନାନ ହୋଇଥାନ୍ତି। କିନ୍ତୁ ପୌଷ ପୂର୍ଣ୍ଣମୀରେ ୧୦୮ କଳସ ଜଳରେ ମହାସ୍ନାନ ହୋଇଥାନ୍ତି। ଏହି ଆଧାରରେ



ପୁଷ୍ୟାଭିଷେକ ପାଇଁ ବୁଧବାର ଠାରୁ ପଞ୍ଚତୀର୍ଥ ଜଳ ସଂଗ୍ରହ କରାଯାଇଛି।ମନ୍ଦିର ସେବାୟତମାନେ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚତୀର୍ଥ ଅର୍ଥାତ୍ ତ୍ରିବେଣୀ ସଙ୍ଗମ, ମହୋଦଧି, ଅର୍ଜ୍ଜୁନଙ୍କ ଶରପୋଖରୀ ଏବଂ ମନ୍ଦିର ମଧ୍ୟରେ ରହିଥିବା ଯମୁନା କୂଅରୁ ଜଳ ସଂଗ୍ରହ କରି ୧୦୮ ମାଟିପାତ୍ରରେ କେଶର, କର୍ପୂର, ଜାଇଫଳ, ଗୁଆଘିଅ ଦିଆଯାଇ ନୂତନ କପଡା ଆଚ୍ଛାଦିତ କରାଯାଇ ମନ୍ଦିରର ଗର୍ଭଗୃହରେ ସଂରକ୍ଷିତ ରଖାଯାଇଥିଲା। ଏହି ଅଭିଷେକ ପରେ ଶ୍ରୀଜୀଉଙ୍କୁ ରାଜାଧିରାଜ ବେଶ କରାଯାଇଥିଲା। ଏହି ବେଶରେ ରାଜପୋଷାକ, ସୁନାକିରୀଟ, ସୁନା ଚିତା, ସୁନାହାର, ରୁପା ବାହୁଟି, ବାଜୁ, ବଟଫଳ ଓ ରୁପା ପାଉଁଜି ଦ୍ୱାରା ବେଶ କରାଯାଇଥିଲା। ମହାପ୍ରଭୁଙ୍କ ଏହି ବେଶ ଦେଖିବା ପାଇଁ ଭକ୍ତଙ୍କ ସମାଗମ ଲାଗିଥିଲା ।

# ମୈତ୍ରୀ, ଶାନ୍ତି ପ୍ରତିଷ୍ଠା ପାଇଁ ମହୋଦଧି ଆଳତି



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ରାଜ୍ୟପାଳ ଗଣେଶୀ ଲାଲ ମହୋଦଧି ଆଳତି କରୁଛନ୍ତି।

**ପୁରୀ ଅଫିସ,୨୮।୧**

ତୀର୍ଥରାଜ ମହୋଦଧିଙ୍କ ନିତ୍ୟ ସନ୍ଧ୍ୟା ଆଳତି ଗୁରୁବାର ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିଠାରେ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ପୌଷ ପୂର୍ଣ୍ଣିମା ଅବସରରେ ଏହି ସନ୍ଧ୍ୟା ଆଳତିର ୧୫ତମ ପୂର୍ତ୍ତି ଉତ୍ସବ ପାଳିତ ହୋଇଛି। ଏହି ବାର୍ଷିକ ଉତ୍ସବରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସନ୍ଧ୍ୟା ଆଳତି କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ଭାରତର କୋଣ ଅନୁକୋଣରୁ ଆସିଥିବା ସାଧୁସନ୍ଥମାନେ ଉପସ୍ଥିତ ଥିଲେ। ରାଜ୍ୟପାଳ ନିଜ ଅଭିଭାଷଣରେ ମହୋଦଧି ଭଳି ପବିତ୍ର ସ୍ଥାନକୁ ସଦା ପବିତ୍ର ରଖିବା ପାଇଁ ନିବେଦନ କରିଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ମହୋଦଧି ତୀର୍ଥକ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ ଅଟେ। ଏହି ମହୋଦଧି ଆଳତି ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା କରିବ। ସେହିଭଳି ମଠ ଓ ମନ୍ଦିର ସମାଜରେ ସନ୍ତୁଳନ ରକ୍ଷା କରିବା ସହ ଶିକ୍ଷା ଦୀକ୍ଷାକୁ ପ୍ରସାର କରିବାରେ ସହାୟକ ହେବ। ବେଦ ପଠନ ଦ୍ୱାରା ସାମାଜିକ ଦାୟିତ୍ୱବୋଧ ବଢ଼େ। ଏଣୁ ହିନ୍ଦୁଧର୍ମୀମାନେ ସଂସାରର କଲ୍ୟାଣ ନିମନ୍ତେ ମହୋଦଧି ଆଳତିରେ ସମ୍ପୃକ୍ତ ହୁଅନ୍ତୁ ଓ ମଠ ମନ୍ଦିରର ସୁରକ୍ଷା କରିବାର ଆବଶ୍ୟକତା ରହିଛି।

## ପିପିଲି ଉପନିର୍ବାଚନ ପାଇଁ ଅଧିକାରୀଙ୍କୁ ତାଲିମ

**ପୁରୀ ଅଫିସ,୨୮।୧**

ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ପୁରୀ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନୋଡାଲ ଅଫିସରଙ୍କ ନିମନ୍ତେ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲାପାଳ ସମର୍ଥ ବର୍ମା ଅବାଧ ଓ ନିରପେକ୍ଷ ନିର୍ବାଚନ ସପକ୍ଷରେ କାର୍ଯ୍ୟ କରିବାକୁ ନୋଡାଲ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି। କୌଣସି ପ୍ରକାର ଅନିୟମିତତା ଦେଖାଦେଲେ ଜିଲା ପ୍ରଶାସନ ସହାୟତା ଲୋଡିବାକୁ ସେ କହିଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭବାନୀ ପ୍ରସାଦ ରାୟ ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ ଓ ପୋଷ୍ଟାଲ ବାଲେଟ୍ ସମ୍ପର୍କରେ ସୂଚନା ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଧରଣୀଧର ନନ୍ଦ ପ୍ରିଡାଇଡିଂ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ତାଲିମ ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁବାସ ଚନ୍ଦ୍ର ନାଥଶର୍ମା, ଉପଜିଲାପାଳ ଭବତାରଣ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ, ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କୁମାର କର ଉପସ୍ଥିତ ଥିଲେ।

# କାଦୁଆ ଡ୍ରେନ୍ ଖନନ, ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର

**ନିମାପଡ଼ା,୨୮।୧(ଡି.ଏନ୍.ଏ.)**

ପୁରୀ ଡ୍ରେନେଜ ବିଭାଗ ପକ୍ଷରୁ ୧କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ କାଦୁଆ ଡ୍ରେନର ଖନନ ଓ ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଗୁରୁବାର ଚାଉଳବସ୍ତ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସରପଞ୍ଚ ପବିତ୍ର ପ୍ରଧାନ, ସମିତିସଭ୍ୟା ସନ୍ଧ୍ୟାରାଣୀ ପରିଜା, ପୁରୀ ଡ୍ରେନେଜ ଡିଭିଜନର ନିର୍ବାହୀଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାଶ, ସହକାରୀ ନିର୍ବାହୀଯନ୍ତ୍ରୀ ଦେବେନ୍ଦ୍ର ନାରାୟଣ ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ମହିଳାସଂଘ ସଭାନେତ୍ରୀ ସୌଦାମିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାଉଳବସ୍ତ ଗ୍ରାମଠାରୁ ଟୁଆଁସାହି ଗ୍ରାମ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟ ୧୧ମାସ ମଧ୍ୟରେ ଶେଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏହି କାର୍ଯ୍ୟ ଶେଷ ହେଲେ ବର୍ଷା ଓ ବନ୍ୟା ଜଳ ସୁଚାରୁରୂପେ ନିଷ୍କାସନ ହୋଇପାରିବ। ଏଥିସହ ନିମାପଡ଼ା ବ୍ଲକର ମିଟେଇପୁର, ଭିଲିଗ୍ରାମ, ଭୋଗଶାଳଦା, ଛଣିଜଙ୍ଗ, ତମ୍ପାଳୋ ପଞ୍ଚାୟତର ପ୍ରାୟ ୨୦ହଜାର ଚାଷୀ ଉପକୃତ ହୋଇପାରିବେ।

# ଏମ୍‌ପିଏଲ୍ କ୍ରିକେଟ: ଉପ୍‌ଳା କିଙ୍ଗ୍‌ସ ଚାମ୍ପିୟନ

**ପିପିଲି,୨୮।୧(ସ୍ୱ.ପ୍ର.)**

ପିପିଲି ମଙ୍ଗଳପୁରଠାରେ ଚାଲିଥିବା ଏମ୍‌ପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗଣେଶ ଲାୟନ୍ସ ଟିମ୍‌କୁ ହରାଇ ଉପ୍‌ଳା କିଙ୍ଗସ୍ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିଭାବେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ରାଜକିଶୋର ସ୍ୱାଇଁ, ନନ୍ଦକିଶୋର ପରିଡ଼ା, ପର୍ଶୁରାମ




ଉପ୍‌ଳା କିଙ୍ଗ୍‌ସ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ମହାପାତ୍ର, ନୀଳାଦ୍ରି ରାଉତ, ଗଦାଧର ପରିଡା, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଟିମ୍‌କୁ କପ ଓ ରନର୍ସ ଅପ୍ ଟିମ୍‌କୁ କପ ପ୍ରଦାନ କରିଥିଲେ। ଏମ୍‌ପିଏଲ୍‌ର ସଦସ୍ୟ ସ୍ୱାଗତ ପରିଡା, ଜିତେନ୍ଦ୍ର ପରିଡା, ଟୁଲେଶ୍ୱର ସାମନ୍ତରାୟ, ଚିନ୍ତାମଣି ବେହେରା, ଗୌରାଙ୍ଗ ପରିଡା ପ୍ରମୁଖ ଟୁର୍ନାମେଣ୍ଟରେ ସହାୟତା କରିଥିଲେ।

## ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ନିମାପଡ଼ା,୨୮।୧(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୌମ୍ୟରଞ୍ଜନ ସ୍ୱାଇଁ। ସୂଚନା ମୁତାବକ, ଗତ ୨୩ତାରିଖରେ ମହିଳାଜଣକ ଘରେ ଥିବା ବେଳେ ଅଭିଯୁକ୍ତ ସୌମ୍ୟରଞ୍ଜନ ତାଙ୍କୁ ଅସଦାଚରଣ କରିବା ସହ ଟଣାଓଟରା କରିଥିଲେ। ଏହି ଘଟଣା କାହାକୁ କହିଲେ ଜୀବନରେ ମାରିଦେବେ ବୋଲି ଅଭିଯୁକ୍ତ ଧମକ ଦେଇଥିବା ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧/୨୧) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଶିଶୁପୁତ୍ରକୁ ପାଇପାରୁନାହାନ୍ତି ବାପା

**ଗୋପ, ୨୮।୧(ଡି.ଏନ୍.ଏ.)**

- ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି
- ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଛି ପୋଲିସ

ମା' ନିଜ ୧୫ ମାସର ଶିଶୁପୁତ୍ରକୁ ନିର୍ଯାତନା ଦେବା ସହ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ଅଭିଯୋଗ ନେଇ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଅକୁ ମା' ପାଖରୁ ଆଣି ନିଜ ପାଖରେ ରଖିବା ପାଇଁ ଅନୁମତି ଲୋଡ଼ିଥିଲେ। ସମ୍ପୃକ୍ତ ଶିଶୁର ଭବିଷ୍ୟତକୁ ଦୃଷ୍ଟିରେ ରଖି ତାକୁ ଉଦ୍ଧାର କରି ତା'ର ବାପାଙ୍କ ଜିମା ଦେବା ଲାଗି ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଦୁଇସପ୍ତାହ ବିତିବାକୁ ବସିଥିଲେ ବି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନାହିଁ। ପୁଅକୁ ପାଇବା ପାଇଁ ବାପା ବାରମ୍ବାର ଥାନାକୁ ଦୌଡୁଛନ୍ତି, ହେଲେ ବିଭିନ୍ନ କାରଣ ଦର୍ଶାଇ ପୋଲିସ ପଦକ୍ଷେପ ନେବାରେ ଦିନ ଗଡ଼ାଇ ଚାଲିଛି।

ପ୍ରକାଶ ଯେ, ଗୋପ ଥାନା ଅଧୀନ ଶୋରଭା ପାଇକସାହି ଗ୍ରାମର ଚକ୍ରଧର ନାୟକ କିଛିବର୍ଷ ପୂର୍ବେ ରୋଜାଲିନ ନାୟକଙ୍କୁ ବିବାହ କରିଥିଲେ।



ଥାନା ବାରଣ୍ଡାରେ ଚକ୍ରଧର ନାୟକ ।

ସେମାନଙ୍କର ପୁଅଟିଏ ଜନ୍ମ ହୋଇଥିଲା। ଚକ୍ରଧର ଭୁବନେଶ୍ୱରରେ ବ୍ୟବସାୟ କରୁଥିବାବେଳେ ରୋଜାଲିନ ଶୋରଭା ପାଇକସାହି ଗ୍ରାମରେ ଶିଶୁପୁତ୍ର ସହ ରହୁଥିଲେ। ତେବେ ଚକ୍ରଧରଙ୍କ ଅଭିଯୋଗ ଅନୁଯାୟୀ, ଅଧିକାଂଶ ସମୟ ରୋଜାଲିନ ଶିଶୁପୁତ୍ରକୁ ମାଡ଼ ମାରିବା ସହ ନାନା ପ୍ରକାର ନିର୍ଯାତନା ଦେଉଥିଲେ। ସାହିପଡ଼ିଶାଙ୍କଠାରୁ ଚକ୍ରଧର ଏ ସମ୍ପର୍କରେ ଜାଣିବାକୁ ପାଇ ରୋଜାଲିନକୁ ପଚାରିବାରୁ ସେ ମିଛ କଥା ବୋଲି ସଫେଇ ଦେଇଥିଲେ। ଏହାର ସତ୍ୟତା ଜାଣିବା ପାଇଁ ଚକ୍ରଧର ଘରେ ଏକ ସିସିଟିଭି ଲଗାଇଥିଲେ। କିଛିଦିନ ପରେ ଚକ୍ରଧର ଆସି ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଶିଶୁପୁତ୍ରକୁ ବାନ୍ଧି ମାଡ଼ ମରାଯାଉଥିବା ଦେଖିବାକୁ ପାଇଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏହାପରେ ଜିଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀମାନେ ଆସି ପୋଲିସ ଉପସ୍ଥିତିରେ ଶିଶୁପୁତ୍ରକୁ ଉଦ୍ଧାର କରିବା ସହ ରୋଜାଲିନ୍‌ଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ ଏକ ମକଦ୍ଦମା ରୁଜୁ ହୋଇଥିଲା। କିଛିଦିନ ପରେ ପୁଣି ରୋଜାଲିନ ପୁଅର ହାତଗୋଡ଼ ବାନ୍ଧି ମାଡ଼ ମାରୁଥିବା ଭିଜୁଆଲ ଚକ୍ରଧର ପାଇଥିଲେ। ତେଣୁ ପୁଅକୁ ନିଜ ପାଖକୁ ନେଇଆସିବା ଲାଗି ଚକ୍ରଧର ଗତ ୪ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନ କ୍ରମେ ମାମଲା ନଂ. ଡବ୍ଲ୍ୟୁପିସିଆର୍‌ଏଲ୍-୧୫୪/୨୧ ରୁଜୁ ହୋଇଥିଲା। ଗତ ୧୪ ତାରିଖରେ ବିଚାରପତି ଏସ୍.କେ. ମିଶ୍ର ଓ ସାବିତ୍ରୀ ରଥ ଏହାର ଶୁଣାଣିକରି ତୁରନ୍ତ ଶିଶୁପୁତ୍ରକୁ ଉଦ୍ଧାର କରି ବାପା ଚକ୍ରଧରଙ୍କୁ ଦେବା ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ ଏପର୍ଯ୍ୟନ୍ତ ଶିଶୁପୁତ୍ରକୁ ଉଦ୍ଧାର କରି ନାହିଁ। ଅନ୍ୟପକ୍ଷରେ ବାରମ୍ବାର ଥାନାକୁ ଦୌଡୁଥିଲେ ବି ପୋଲିସ ତାଙ୍କ କଥା ଶୁଣୁ ନ ଥିବା ଚକ୍ରଧର ଅଭିଯୋଗ କରିଛନ୍ତି। ସେହିପରି ରୋଜାଲିନ କହିଛନ୍ତି, ନିଜ ପୁଅକୁ ମୁଁ ନିର୍ଯାତନା ଦେବା କଥା ମିଛ। ମୋ' ପିଲାକୁ କାହାକୁ ଦେବି ନାହିଁ। ତେବେ ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁଧୀର ସାହୁଙ୍କୁ ପଚାରିବାରେ ଏବେ ପୁରୀରେ ଡିୟୁଟି କରୁଥିବାରୁ କୌଣସି ପଦକ୍ଷେପ ନେଇପାରି ନାହିଁ ବୋଲି ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମାନସ



@ ପ୍ରଦୋଷ



@ ସୌମ୍ୟଶ୍ରୀ



@ ସୁଦୀପ୍ତ



@ ଶ୍ୱେତା



@ ହରିଚନ୍ଦନ



@ ଶିବରାମ



@ ଶୁଭେନ୍ଦୁ